## ସଂକ୍ଷେପରେ

### ଜୟପୁର ବନଖଣ୍ଡର ୨୩ ଜଙ୍ଗଲରେ ନିଆଁ

ଜୟପୁର, ୩୧।୩(ପବନ ପାଣିଗ୍ରାହୀ)

ଜୟପୁର ବନଖଣ୍ଡ ଅଧୀନରେ ଥିବା ୨୩ଟି ଜଙ୍ଗଲରେ ରବିବାର ନିଆଁ ଲାଗିଥିବା ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ ରିପୋର୍ଟରେ କୁହାଯାଇଛି। ଜୟପୁର ବନଖଣ୍ଡର ଗୁପ୍ତେଶ୍ୱର ବନାଞ୍ଚଳରେ ୧୨ଟି ଜଙ୍ଗଲରେ ନିଆଁ ଲାଗଥିବା ବେଳେ ବୋରିଗୁମ୍ମା ବଲଞ୍ଚଳ ଅଧୀନରେ ୬ଟି ଜଙ୍ଗଲରେ ନିଆଁ ଲାଗିଛି। ସେହିପରି କୁନ୍ଦୁରା ବନାଞ୍ଚଳ ଅଧୀନରେ ୩ଟି, ବୈପାରିଗୁଡା ବନାଞ୍ଚଳ ଅଧୀନରେ ୨ଟି ଜଙ୍ଗଲରେ ଜଙ୍ଗଲରେ ନିଆଁ ଲାଗିଛି। ତେବେ ରବିବାର ଜୟପୁର ବନାଞ୍ଚଳର କୌଣସି ଜଙ୍ଗଲରେ ନିଆଁ ଲାଗି ନ ଥିବା ବନାଞ୍ଚଳ ଅଧିକାରୀ ସଚ୍ଚିଦାନନ୍ଦ ପରିଡା କହିଛନ୍ତି। ସୁଚନା ପାଇବା ପରେ ଗୁପ୍ତେଶ୍ୱର, ବୋରିଗୁମ୍ମା, ବୈପାରିଗୁଡା, କୁନ୍ଦୁରା ବନାଞ୍ଚଳର ଅଧୀନରେ କାର୍ଯ୍ୟ କରୁଥିବା ବନ କର୍ମଚାରୀମାନେ ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ ଚାଇଥିବା ଜଣାଯାଇଛି। ନିଆଁ ଲାଗିବା ଯୋଗୁ ବିଭିନ୍ନ ଔଷଧୀୟ ବୃକ୍ଷ, ବିଭିନ୍ନ ପ୍ରଜାତିର ଗଛ ପୋଡିଯାଇଛି। ପଶୁପକ୍ଷୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି।

### ପୋଲିସ ଏଏସ୍ଆଇଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା

ନନ୍ଦପୁର, ୩୧।୩ (ଶଙ୍କର ପୂଜାରୀ)

ନନ୍ଦପୁର ବ୍ଲକରେ କାର୍ଯ୍ୟରତ ପୋଲିସ ଏଏସ୍ଆଇ ଏଲ. ଲୋକେଶ୍ୱରଙ୍କୁ ରବିବାର ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇ। ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ଆୟୋଜିତ ସଭାରେ ତାଙ୍କୁ ଫୁଲତୋଡ଼ା ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଏସଆଇ ଲୋକେଶ୍ୱର ପୋଲିସ ବିଭାଗରେ ୧୯।୧।୧୯୯୦ରେ ଯୋଗ ଦେଇଥିଲେ। ନନ୍ଦପୁର ଥାନାରେ ୨୧।୧୦/୨୦୨୧ରେ ଯୋଗଦେଇ ଥିଲେ। ସମ୍ବର୍ଦ୍ଧନା ଉତ୍ସବରେ ଏସ୍‌ଡିପିଓ ସମ୍ପିତ ମାଝୀ, ଥାନା ଅଧିକାରୀ ମମତା ପଣ୍ଡା, ନନ୍ଦପୁର ପ୍ରେସ୍‌କ୍ଲବ ପକ୍ଷରୁ ଖବରଦାତା ତୁଷାରକାନ୍ତ ମହାନ୍ତି, ତ୍ରିନାଥ ଖରା, ସୁରଜିତ ବିଶାଳ ପ୍ରମୁଖ ଉପସ୍ଥିତ ଥିଲେ।

### ଯାତ୍ରୀନିବାସ ପାଲଟିଛି ଧାରଣାସ୍ଥଳ

ନନ୍ଦପୁର, ୩୧।୩ (ଶଙ୍କର ପୂଜାରୀ)

ନନ୍ଦପୁର ବ୍ଲକ ପାଡୁଆ ବଡ ଦେବତା ମନ୍ଦିର ନିକଟ ରାଜ୍ୟ ରାଜପଥ ପାର୍ଶ୍ୱରେ ଥିବା ଯାତ୍ରୀ ଆଶ୍ରୟସ୍ଥଳି ପଥଚାରୀ ଓ ଯାତ୍ରୀଙ୍କ କାମରେ ନ ଲାଗି ଧାରଣା ସ୍ଥଳ ପାଲଟିଛି। ଗତ ୧୮ ତାରିଖରୁ ବୁଡି ଅଞ୍ଚଳ ସଙ୍ଗଠନ ପକ୍ଷରୁ ବିଭିନ୍ନ ଦାବି ନେଇ କର୍ମକର୍ତ୍ତାମାନେ ଧାରଣା ଦେଇଛନ୍ତି। ପ୍ରଶାସନ ପକ୍ଷରୁ ସେମାନଙ୍କ ସହ ଆଲୋଚନା କରି ଧାରଣାରୁ ନିବୃତ୍ତ ରଖିବାକୁ ପଦକ୍ଷେପ ନିଆଯାଉନାହିଁ। ଧାରଣା ସ୍ଥଳ ନିକଟରେ ଧାରଣା ଦେଇଥିବା ଗୋଷ୍ଠୀଙ୍କ ଯୋଗୁ ଯାତ୍ରୀ ଖରାରେ ଛିଡ଼ା ହୋଇ ଗାଡ଼ି ମୋଟରକୁ ଅପେକ୍ଷା କରୁଛନ୍ତି। ବ୍ଲକ ଓ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

### ମାଥାଲପୁଟରେ ହେବ ପଞ୍ଚଦଣ୍ଡ ମହାମିଳନ

ଦାମନଯୋଡି,୩୧।୩ (ମାନସ ରଞ୍ଜନ କର)

ଏପ୍ରିଲ ୧ରୁ ପଣାସଂକ୍ରାନ୍ତି ଯାଏ ପାରମ୍ପରିକ ଦଣ୍ଡଯାତ୍ରା ଆରମ୍ଭ ହେବ। ଏହି ଦଣ୍ଡଯାତ୍ରା ଗଞ୍ଜାମ ଜିଲାର ଏକ ଗଣପର୍ବ ହୋଇଥିବା ବେଳେ ଅନେକ ବର୍ଷ ଧରି କୋରାପୁଟ ଜିଲାରେ ଉତ୍ସାହର ପାଳନ କରାଯାଇଥାଏ। ତେବେ ଚଳିତବର୍ଷ କୋରାପୁଟ ଜିଲାର ଦାମନଯୋଡିସ୍ଥିତ ମାଥାଲପୁଟ ଅଞ୍ଚଳରେ ପଞ୍ଚଦଣ୍ଡ ମହାମିଳନ ଆସନ୍ତା ଏପ୍ରିଲ ୮ତାରିଖି ରେ ଅନୁଷ୍ଠିତ ହେବ। ଶ୍ରୀ ମା'ଭଦ୍ରକାଳୀ ପୂଜା କମିଟି ପକ୍ଷରୁ ଏହା ଆୟୋଜନ କରାଯାଉଛି। ଏଥିରେ ସୁନାବେଡା, ବାଲିମେଳା, ମାଲକାନଗିରି, ଜୟପୁର, କୋରାପୁଟରୁ ୫ଟି ଦଣ୍ଡଯାତ୍ରା ଦଳ ଅଂଶଗ୍ରହଣ କରିବେ ବୋଲି ଜଣାପଡିଛି। ଏଥିପାଇଁ ଆୟୋଜକଙ୍କ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି।

### ଶାବର ଶ୍ରୀକ୍ଷେତ୍ରରେ ଗାୟତ୍ରୀ ମହାଯଜ୍ଞ

କୋରାପୁଟ,୩୧।୩(ଅମିତାଭ ବେହେରା)

କୋରାପୁଟ ଶାବର ଶ୍ରୀକ୍ଷେତ୍ର ପରିସରରେ ରବିବାର ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇଛି। କୋରାପୁଟ ଗ୍ରାୟତ୍ରୀ ପରିବାର ପକ୍ଷରୁ ଆୟୋଜିତ ଏହି ଯଜ୍ଞ ସକାଳ ୮ଟାରୁ ଆରମ୍ଭ ହୋଇ ୧୦ଟା ଯାଏ ଚାଲିଥିଲା। ଏଥିରେ ଶତାଧିକ ବ୍ୟକ୍ତି ସାମିଲ ହୋଇ ଅର୍ଘ୍ୟ ଦାନ କରିଥିଲେ। ସଦସ୍ୟ ଦିଲୀପ ପାଢୀଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଗ୍ରାୟତ୍ରୀ ପରିବାରର ଅମରନାଥ ପାଢୀ, ସନ୍ତୋଷ ପାତ୍ର, ପଡ୍ୟୁଷ୍ଟୁ ପାତ୍ର, ଲୋମ୍ବଧର ମଣ୍ଡଳ, ମଧୁ ମଣ୍ଡଳ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# କାନ୍ଥ ଫାଟିଲାଣି, ଅସରାଏ ବର୍ଷା ହେଲେ ଗଳୁଛି ପାଣି

**ପାଡୁଆ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ**

- ତହସିଲଦାରଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଉନି ଆରଡି ବିଭାଗ
- ରାଜସ୍ୱ ଆଦାୟ ଲକ୍ଷ୍ୟ ପୂରଣ ହେଉନି
- ଆଲୋଚନା ପରେ ପଦକ୍ଷେପ ନେବେ: ସହକାରୀ ଯନ୍ତ୍ରୀ

ନନ୍ଦପୁର ୩୧।୩ (ଶଙ୍କର ପୂଜାରୀ)



ନିର୍ମାଣର ଅଳ୍ପ ଦିନ ମଧ୍ୟରେ କାନ୍ଥରେ ଫାଟ ସୃଷ୍ଟି ହୋଇଥିବା ନନ୍ଦପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ।

କୋରାପୁଟ ଜିଲା ନନ୍ଦପୁର ତହସିଲ ଅଧୀନ ବ୍ଲକ ଅଞ୍ଚଳର ପଞ୍ଚାୟତବାସୀଙ୍କୁ ରାଜସ୍ୱ ସେବା ଯୋଗାଇବାକୁ ନିର୍ମିତ ପାଡୁଆ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନିର୍ମାଣରେ ସୁନାବେଡା ଆରଡି ବିଭାଗ ନିମ୍ନମାନର କାର୍ଯ୍ୟ କରିଥିବା ଅଭିଯୋଗ ହୋଇଛି। ବ୍ୟୟ ଅଟକଳ ଓ ମାନରେ ବ୍ୟତିକ୍ରମ କରି ନିର୍ମାଣ କାର୍ଯ୍ୟ କରିଥିବାରୁ ଉକ୍ତ କାର୍ଯ୍ୟାଳୟ ବର୍ତ୍ତମାନ ବାସୋପଯୋଗୀ ନ ହୋଇ କେତେକଙ୍କ ଆଡ୍ଡାସ୍ଥଳି ପାଲଟିଥିବା ନନ୍ଦପୁର ତହସିଲଦାର ଅନାଦି ଚରଣ ସାହୁ କହିଛନ୍ତି। ଅସରାଏ ବର୍ଷା ହେବା ମାତ୍ରେ ଉକ୍ତ ଗୃହ ଛାତରୁ ପାଣି ଗଳୁଛି। ଓଦା କାନ୍ଥରୁ ସିମେଣ୍ଟ ପ୍ଲାଷ୍ଟର ଖସୁଛି। କବାଟ ଝରକାର ସ୍ଥିତି ଦୁର୍ବଳ ରହିଛି। ନିର୍ମାଣ ଅଟକଳରେ ଥିବା ସୁରକ୍ଷା ପାଚେରି ଓ ଫାଟକ ନିର୍ମାଣ, ପାଣି ବ୍ୟବସ୍ଥା, ବିଦ୍ୟୁତ୍ ସଂଯୋଗ ନ କରି ୨୦୧୮/୧୯ର କାର୍ଯ୍ୟକୁ ୨୦୨୩ରେ ତରବରିଆ ଭାବେ ସାରି ଗୃହ ହସ୍ତାନ୍ତର କରାଯାଇଛି। ୫୮ଲକ୍ଷ ଟଙ୍କା ବ୍ୟୟ କରାଯାଇଥିବା କୁହାଯାଉଥିବା ବେଳେ ଏହା ଏବେ ସୁଦ୍ଧା ବ୍ୟବହାର ଉପଯୋଗୀ ହୋଇପାରିନାହିଁ। ଏବେ ରାଜସ୍ୱ ଆଦାୟ ସମୟ ଚାଲିଥିଲେ ମଧ୍ୟ ସେଠାରେ କର୍ମଚାରୀ ରହିପାରୁ ନ ଥିବାରୁ ଅସୁବିଧା ସୃଷ୍ଟି ହେଉଛି। ଅନ୍ଧାର ଓ ନିରୋଳା ସ୍ଥାନ ଦେଖି ସନ୍ଧ୍ୟା ହେଲେ ସେଠାରେ ଅସାମାଜିକ ତତ୍ତ୍ୱଙ୍କ ଭିଡ ଜମୁଛି। ଏ ସମ୍ପର୍କରେ ନିର୍ମାଣକାରୀ ସଂସ୍ଥା ସୁନାବେଡା ଆରଡି ବିଭାଗକୁ ତହସିଲଦାର ସାହୁ ଅବଗତ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଗୃହର ଏଭଳି ଦୁରବସ୍ଥା ଯୋଗୁ ରାଜସ୍ୱ ଲୋକଙ୍କୁ ଠିକ୍ ସମୟରେ ବିଭାଗୀୟ ସେବା ପ୍ରଦାନରେ ବାଧକ ହେଉଛି ବୋଲି ନିରୀକ୍ଷକ କୈଳାସ ମାଝି କହିଛନ୍ତି। ଏଥିଯୋଗୁ ଆର୍ଥିକ ବର୍ଷର ଶେଷ ସମୟରେ ରାଜସ୍ୱ ଆଦାୟ ଲକ୍ଷ୍ୟ ପୂରଣ ହେଉ ନ ଥିବା ସେ କହିଛନ୍ତି। ଅଭିଯୋଗ ସମ୍ପର୍କରେ ସୁନାବେଡା ଆରଡି ସହକାରୀ ଯନ୍ତ୍ରୀ ସୁଜାତା ଦିସାରିଙ୍କୁ ପଚାରିବାରୁ ସେ କହିଲେ, ଉକ୍ତ ପ୍ରକଳ୍ପ ନିର୍ମାଣ ଓ ହସ୍ତାନ୍ତର ତାଙ୍କ ସମୟରେ ହୋଇନି। ତେବେ ସେ ଉକ୍ତ କାର୍ଯ୍ୟର ଫାଇଲ ଦେଖି ସବିଶେଷ ଯାଞ୍ଚ କରିବେ। ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଓ ନିର୍ମାଣ କାର୍ଯ୍ୟ କରିଥିବା ଠିକାଦାରଙ୍କ ସହ ଆଲୋଚନା କରି ଦୁରବସ୍ଥା ଦୂର କରିବାକୁ ଆବଶ୍ୟକ ପଦକ୍ଷେପ ନେବେ ବୋଲି କହିଛନ୍ତି।

# ସ୍ଥାୟୀ ମନ୍ଦିରକୁ ଫେରିଲେ ମାଁ ଭୈରବୀ



ସ୍ଥାୟୀ ମନ୍ଦିରକୁ ବିଜେ କରୁଛନ୍ତି ମା' ଭୈରବୀ ଠାକୁରାଣୀ।

**୫ଦିନିଆ ଘଟହାଣ୍ଡି ଯାତ୍ରା ଶେଷ**

ପଟ୍ଟାଙ୍ଗି,୩୧।୩(ଶରତ ଧଳ)

ପଡୋଶୀ ଆନ୍ଧ୍ର ସୀମାକୁ ଲାଗି ରହିଥିବା କୋରାପୁଟ ଜିଲାର ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ସୁଙ୍କି ପଞ୍ଚାୟତ ସଦର ମହକୁମାର ସ୍ଥାୟୀ ମନ୍ଦିରରେ ପୂଜା ପାଉଥିବା ମାଁ ଭୈରବୀ ଠାକୁରାଣୀଙ୍କ ଗତ ୫ଦିନ ଧରି ଘଟହାଣ୍ଡି ଯାତ୍ରା ଚାଲିଛି। ମା' ମନ୍ଦିରରୁ ଅସ୍ଥାୟୀ ମଣ୍ଡପକୁ ବିଜେ କରି ପୂଜା ପାଉଛନ୍ତି। ସୋମବାର ସକାଳୁ ସ୍ଥାୟୀ ମନ୍ଦିରକୁ ଫେରିବେ। ଠାକୁରାଣୀଙ୍କ ଏହି ଯାତ୍ରା ଗତ ୨୭ ତାରିଖରୁ ଆରମ୍ଭ ହୋଇଥିଲା। ମାଁ ଙ୍କୁ ଏକ ବଡ ପଟୁଆରରେ ସ୍ଥାୟୀ ମନ୍ଦିରରୁ ଆଣି ଅସ୍ଥାୟୀ ମଣ୍ଡପରେ ବିଜେ କରି ପୂଜାର୍ଚ୍ଚନା କରା ଯାଇଥିଲା। ମଣ୍ଡପରେ ଦୁଇଦିନ ପୂଜା ପାଇବା ପରେ ମା' ଶୁକ୍ରବାର ଓ ଶନିବାର ଗ୍ରାମ ପରିକ୍ରମା କରି ପ୍ରତ୍ୟେକ ଘରେ ପହଞ୍ଚି ପୂଜା ପାଇ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଅସ୍ଥାୟୀ ମଣ୍ଡପରେ ମା'ଙ୍କ ଦର୍ଶନ ପାଇଁ ଲୋକଙ୍କ ଭିଡ ହୋଇଥିଲା। ମାନସିକଧାରୀ ଭକ୍ତମାନେ ମଧ୍ୟ ଠାକୁରାଣୀଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରି ଘଟହାଣ୍ଡି ପ୍ରଦାନ କରିଥିଲେ। ରବିବାର ଅସ୍ଥାୟୀ ମଣ୍ଡପରେ ମା'ଙ୍କ ଯାତ୍ରାର ଶେଷ ଦିନରେ ବିଭିନ୍ନ ନୀତି ସମ୍ପନ୍ନ ହୋଇଛି। ଅସ୍ଥାୟୀ ମଣ୍ଡପ ସମ୍ମୁଖରେ ଯାତ୍ରା କମିଟି ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା ବୋଲି ଯାତ୍ରା କମିଟି ସଭାପତି ଗୁପ୍ତ ଶଙ୍କର ପଟ୍ଟନାୟକ କହିଛନ୍ତି। ବଡା ପ୍ରସାଦ, ଏସ. ଚନ୍ଦ୍ରଶେଖର, ନନ୍ଦା ପ୍ରସାଦ, ଏ. ପୂର୍ଣ୍ଣ, ଏନ ପୂର୍ଣ୍ଣ , ଜଗା ରାଓ ଏବଂ ପ୍ରଦୀପ ପଣ୍ଡା ଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ନିୟୋଜିତ ହୋଇଥିଲେ।

# ଛାତ୍ରୀଙ୍କୁ ଢାଲ କରି ତାଳି ପକାଇବାକୁ ଉଦ୍ୟମ

**ମହିଳା ମହାବିଦ୍ୟାଳୟ ଯୁକ୍ତ୨, ଯୁକ୍ତ ୩ ଅଲଗା ହେବା ପ୍ରସଙ୍ଗ**

ସୁନାବେଡା,ସେମିଳିଗୁଡା,୩୧।୩
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ)



କୋରାପୁଟରେ ବିଜେଡିର ଏକ ବୈଠକରେ ସୁନାବେଡା ମହାବିଦ୍ୟାଳୟ ଛାତ୍ରୀମାନେ ନିଜ ସମସ୍ୟା ଜଣାଉଛନ୍ତି।

ଗତ କିଛି ବର୍ଷ ହେବ ସୁନାବେଡା ମହିଳା ମହାବିଦ୍ୟାଳୟରେ ଯୁକ୍ତ ୨ ଓ ଯୁକ୍ତ ୩ ବିଭାଗ ଅଲଗା ହେବା ନେଇ ବିବାଦ ଲାଗି ରହିଛି। ଏଥିଯୋଗୁ ଯୁକ୍ତ ୩ କଲେଜର ନାମଫଳକଟିଏ ମଧ୍ୟ ସମ୍ପୃକ୍ତ କଲେଜ କର୍ତ୍ତୃପକ୍ଷ ମାରିପାରୁନାହାନ୍ତି। ଯୁକ୍ତ୨ କଲେଜ ଅଲଗା ହେବା ନେଇ କାଗଜପତ୍ରରେ ସମସ୍ତ କାର୍ଯ୍ୟ କରିଥିଲେ ମଧ୍ୟ ବାସ୍ତବ ସ୍ଥିତି ସୁଧୁରିନାହିଁ। ସରକାର ଓ ପ୍ରଶାସନର ନିଷ୍କ୍ରିୟତାକୁ କେବଳ କାଗଜପତ୍ରରେ ମାନିଥିବା ଦର୍ଶାଇ ମହିଳା ମହାବିଦ୍ୟାଳୟର ଯୁକ୍ତ ୨ କର୍ତ୍ତୃପକ୍ଷ ନୀରବ ରହିଛନ୍ତି। ତେବେ ରବିବାର ଏ ସମ୍ପର୍କିତ ଖବର 'ଅଲଗା ହେବାକୁ ନାରାଜ' ଧରିତ୍ରୀରେ ପ୍ରକାଶ ପାଇଥିଲା। ଏହା ପୂର୍ବରୁ ସମସ୍ତଙ୍କ ନଜର ହଟାଇବାକୁ ତାଳିପକା ବ୍ୟବସ୍ଥା ହୋଇଥିବା ଦେଖିବାକୁ ମିଳିଛି।

ଏହା ପୂର୍ବରୁ ଶୁକ୍ରବାର ବିଜେଡିର ଏକ ନିର୍ବାଚନୀ ବୈଠକ କୋରାପୁଟର ଏକ ହୋଟେଲରେ ହୋଇଥିଲା। ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉଭୟ ସୁନାବେଡା ଓ କୋରାପୁଟ ପୌର ଅଧ୍ୟକ୍ଷ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସାମିଲ ହେବାକୁ ସୁନାବେଡା ମହିଳା ମହାବିଦ୍ୟାଳୟର ଛାତ୍ରୀଙ୍କୁ ଆମନ୍ତ୍ରଣ କରାଯାଇଥିଲା। ସମସ୍ତ ଛାତ୍ରୀ କଲେଜ ୟୁନିଫର୍ମ ବଦଳରେ ସାଦା ପୋଷାକରେ ସେଠାକୁ ଯାଇଥିଲେ। ସେଠାରେ ୨୦ରୁ ଉର୍ଦ୍ଧ୍ୱ ଛାତ୍ରୀ ଯୋଗଦେଇ ନିଜ କଲେଜର ସମସ୍ୟା ସମ୍ପର୍କରେ କହିଥିଲେ। କିପରି ସେମାନେ ଶ୍ରେଣୀ ଗୃହ ଅଭାବ ଯୋଗୁ ଠିକ ଭାବରେ ପାଠ ପଢିପାରୁ ନାହାନ୍ତି, କଲେଜକୁ ଯାତାୟାତ ପାଇଁ ଗାଡି ବ୍ୟବସ୍ଥା ନ ଥିବା, ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଅଡିଟୋରିୟମ, ନିଜସ୍ୱ ଲାଇବ୍ରେରୀର ଅଭାବ ସମ୍ପର୍କରେ ଛାତ୍ରୀମାନେ ମଞ୍ଚାସୀନ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ଏହି ବୈଠକକୁ କେବଳ ଉକ୍ତ ମହିଳା ମହାବିଦ୍ୟାଳୟର ଛାତ୍ରୀମାନଙ୍କୁ ଆମନ୍ତ୍ରଣ କରାଯିବା ଏବଂ ମହାବିଦ୍ୟାଳୟର ବାସ୍ତବ ସମସ୍ୟାକୁ ଏଡାଇଯାଇ ତାଳିପକାଇବାକୁ ଉଦ୍ୟମ କରାଯାଉଛି ବୋଲି ସାଧାରଣରେ ଆଲୋଚନା ହେଉଛି। ସୂଚନାଯୋଗ୍ୟ, ଏହି ମହାବିଦ୍ୟାଳୟର ଯୁକ୍ତ ୨କୁ ଯୁକ୍ତ ୩ଠାରୁ ଅଲଗା ପାଇଁ ୨୦୨୧ରେ ସରକାରୀ ନିର୍ଦ୍ଦେଶ ପରେ ମହାବିଦ୍ୟାଳୟ ଜମିକୁ ନେଇ ସେବେଠାରୁ ବିବାଦ ଲାଗି ରହିଛି।

# କୁନ୍ଦୁରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

କୁନ୍ଦୁରା,୩୧।୩ (ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୩ ତମ ବାର୍ଷିକ ଉତ୍ସବ ପାଳିତ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କୁନ୍ଦୁରା ବିଡିଓ କପିଳେଶ୍ୱର ତାଣ୍ଡି, ମୁଖ୍ୟବକ୍ତା ରୂପେ କୋରାପୁଟ କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟର ପ୍ରଧାପକ ଭରତ ପଣ୍ଡା, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ସଭାପତି ବୃନ୍ଦାବନ ପାତ୍ର, ସମ୍ପାଦକ କୃଷ୍ଣଚନ୍ଦ୍ର ପାତ୍ର, ପ୍ରଧାନ ଆଚାର୍ଯ୍ୟ ଭଗବାନ ପାଢୀ ଉପସ୍ଥିତ ଥିଲେ। ବିଡିଓ ତାଣ୍ଡି ଶିକ୍ଷାର୍ଥୀମାନଙ୍କୁ ମନଦେଇ ଶିକ୍ଷାଲାଭ କରିବାକୁ ପରାମର୍ଶ ଦେଇ ମୁଁ ସବୁବେଳେ ଏହି ଅନୁଷ୍ଠାନ ସହିତ ରହିବି ବୋଲି କହିଥିଲେ। ମୁଖ୍ୟବକ୍ତା ପଣ୍ଡା ଛାତ୍ରୀଛାତ୍ରଙ୍କୁ ଜୀବନରେ ଶୃଙ୍ଖଳା ଅର୍ଜନ କରି ନିଜସ୍ୱ ପରିଚୟ ସୃଷ୍ଟି କରିବାକୁକହିଥିଲେ୧ ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସୂଚନାଯୋଗ୍ୟ, ଏହି ବିଦ୍ୟାଳୟ ୨୦୦୦ ମସିହାରେ କୁନ୍ଦୁରା ବ୍ଲକରେ ପ୍ରତିଷ୍ଠା ହୋଇଥିଲା। ବୋଧ,ପ୍ରାରମ୍ଭଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୩୪୦ଜଣ ଛାତ୍ରୀଛାତ୍ର ବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି।

# ରାଜ୍ୟ,ଦେଶର ସ୍ୱାର୍ଥକୁ ଉପେକ୍ଷା କରିଛନ୍ତି ବିଜେଡି, ଭାଜପା



ଖବରଦାତା ସମ୍ମିଳନୀରେ କଂଗ୍ରେସ କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି ।

**ଖବରଦାତା ସମ୍ମିଳନୀରେ କଂଗ୍ରେସର ଅଭିଯୋଗ**

ଜୟପୁର, ୩୧।୩(ପବନ ପାଣିଗ୍ରାହୀ)

ଜୟପୁର ସ୍ଥିତ ଜିଲା କଂଗ୍ରେସ ଭବନରେ ରବିବାର କଂଗ୍ରେସ ଜିଲା ସଭାପତି ଶଶୀ ଭୂଷଣ ପାତ୍ରଙ୍କ ଆହ୍ୱାନରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ବରିଷ୍ଠ କଂଗ୍ରେସ ନେତା ବିନୋଦ ମହାପାତ୍ର, ଦେବେନ୍ଦ୍ର ବାହିନୀପତି, ମଦନ ମୋହନ ନାୟକ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ନଳିନୀ ରଥ, ବୁଲୁ ସାହୁ, ବୀରେନ ମୋହନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ବିଜେଡି ଓ ଭାଜପା ଉପରେ ବର୍ଷିଥିଲେ । ବିଜେଡି ଭାରତ ବର୍ଷର ୫ମ ବୃହତମ ଆଞ୍ଚଳିକ ଦଳ ହିସାବରେ ୧୦୧୯.୫ କୋଟି ଟଙ୍କା ରାଜନୈତିକ ଚାନ୍ଦା ନିର୍ବାଚନ ମାଧ୍ୟମରେ ପାଇଛନ୍ତି ବୋଲି ନିର୍ବାଚନ ଆୟୋଗଙ୍କ ଦ୍ୱାରା ପ୍ରକାଶିତ ତଥ୍ୟରୁ ଜଣାପଡିଛି । ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଉପେକ୍ଷା କରି ପୁଞ୍ଜିପତିମାନଙ୍କୁ ରାଜ୍ୟର ସମ୍ପତ୍ତିକୁ ଟେକି ଦେଉଛି। ୨୦୧୮ ଜୁଲାଇରୁ ୨୦୨୪ ଫେବୃଆରି ମଧ୍ୟରେ ବିଜେଡି ବିଭିନ୍ନ ଖଣି କମ୍ପାନି ଏବଂ ଷ୍ଟିଲ କମ୍ପାନୀଠାରୁ ଉପରୋକ୍ତ ଅର୍ଥ ପାଇଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ଏଥିରୁ ବିଜେଡିର ଦୁର୍ନୀତି ଧରାପଡିଯାଇଛି। ସେହିପରି ଭାଜପା ମଧ୍ୟ ଜୋର କରି ପାଣ୍ଠି ଆଦାୟ କରୁଛି । ଏଥିପାଇଁ ଇଡି, ସି.ବି.ଆଇ. ଏବଂ ଆଇଟିକୁ ବିଭିନ୍ନ ଶିଳ୍ପପତି ଓ ବ୍ୟବସାୟୀଙ୍କ ବିରୋଧରେ ବ୍ୟବହାର କରି ସେମାନଙ୍କୁ ଭୟଭିତ କରି ଭାଜପା ଗତ ୬ ବର୍ଷ ଭିତରେ ୮ ହଜାର ୨ ଶହ ୫୨ କୋଟି ଟଙ୍କା ରାଜନୈତିକ ପାଣ୍ଠି ହାତେଇଛି ବୋଲି ଏହି କଂଗ୍ରେସ ନେତାମାନେ ଅଭିଯୋଗ କରିଛନ୍ତି।

# ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି କଫି ଫୁଲ

କୋରାପୁଟ ୩୧।୩(ଅମିତାଭ ବେହେରା)



କୋରାପୁଟ ଜିଲାରେ ଥିବା ବିଭିନ୍ନ କଫି ବଗିଚାରେ ଏବେ କଫି ଫୁଲ ଫୁଟିବା ସମୟ ଆରମ୍ଭ କରିଛି। ଫୁଲ ଫିଟିଲେ ଏହା ଯେମିତି କଫି ଫୁଲର ଧଳା ଚାଦର ଭଳି ଶୋଭା ପାଇଥାଏ। ଯାହା ପ୍ରକୃତିପ୍ରେମୀଙ୍କୁ ବଗିଚାକୁ ଟାଣି ଆଣିଥାଏ। ମାତ୍ର ୩ ଦିନ ଏହି କଫି ଫୁଲ ଫୁଟି ପରେ ଝଡିଯାଇଥାଏ। କୋରାପୁଟ ଜିଲାର ଜଳବାୟୁ କଫି ଚାଷ ପାଇଁ ଉତ୍କୃଷ୍ଟ ହୋଇଥିବାରୁ ଜିଲାର କୋରାପୁଟ, ଦଶମନ୍ତପୁର, ପାଡୁଆ, ଲକ୍ଷ୍ମୀପୁର, ଅନକାଡ଼େଲି, ଲମତାପୁଟ, ସେମିଳିଗୁଡା, ପଟ୍ଟାଙ୍ଗି, ବୈପାରିଗୁଡା ଅଞ୍ଚଳରେ କଫି ଚାଷ ହୋଇଥାଏ। କଫି ବଗିଚା ସାରା ଧଳା ରଙ୍ଗର ଫୁଲର ଚାଦରରେ ଘୋଡାଇ ହୋଇ ପର୍ଯ୍ୟଟକଙ୍କୁ ଆନମନା କରିଥାଏ ବୋଲି କୋରାପୁଟ କଫି ବୋର୍ଡ ଜନସମ୍ପର୍କ ଅଧିକାରୀ ଉପେନ୍ଦ୍ର କୁମାର ଶାହା କହିଛନ୍ତି। ତାଙ୍କ କହିବାନୁଯାୟୀ ମାର୍ଚ୍ଚ ମାସରେ ହେଉଥିବା ପ୍ରଥମ ବର୍ଷାର ସପ୍ତାହକ ମଧ୍ୟରେ ପ୍ରତ୍ୟେକ କଫି ବଗିଚାରେ ଫୁଲ ଫୁଟେ। କଫି ଫୁଲର ସୁଗନ୍ଧର ମହକ ମହୁମାଛିଙ୍କୁ ଆକୃଷ୍ଟ କରିବା ସହ ଅନେକ ପକ୍ଷୀଙ୍କୁ କଫି ବଗିଚା ଟାଣି ଆଣେ। କର୍ନାଟକ ଭଳି ଏହି ସମୟରେ କଫି ବଗିଚା ମଧ୍ୟରେ ଭ୍ରାମ୍ୟମାଣ ମହୁଚାଷ କରୁଥିବା ମହୁ ଚାଷୀଙ୍କୁ ପ୍ରୋତ୍ସାହନ ମିଳିଲେ ଏହି ଫୁଲଗୁଡିକରୁ ମଧୁ ସଂଗ୍ରହ କରୁଥିବା ମହୁମାଛିଙ୍କ ମାଧ୍ୟମରେ ଉନ୍ନତମାନର କଫି ମହୁ ପ୍ରସ୍ତୁତ ହୋଇପାରିବ ବୋଲି ପଣ୍ଡା ମତ କହିଥିଲେ। ଅନ୍ୟପକ୍ଷରେ କଫି ଫୁଲ ଫୁଟିବା ପାଇଁ ମାର୍ଚ୍ଚ ମାସରେ କୋରାପୁଟ ଜିଲାରେ ହେଉଥିବା ବୃଷ୍ଟିପାତର ଅନିୟମିତତା ଯୋଗୁ ଫୁଲ ଫୁଟିବାରେ ସମସ୍ୟା ହୋଇଥାଏ। ସରକାରଙ୍କ ପକ୍ଷରୁ ସ୍ପ୍ରିଂକଲର ଦ୍ୱାରା ଜଳସେଚନ ପାଇଁ ପଦକ୍ଷେପ ନେଲେ ଠିକ ସମୟରେ କଫି ଫୁଲ ଫୁଟିପାରନ୍ତା ଓ ଉନ୍ନତ ମାନର କଫି ଉତ୍ପାଦନ ହୋଇପାରନ୍ତା ବୋଲି ରାଜୁପୁଟ ଗ୍ରାମର କଫି ଉଦ୍ୟୋଗୀ ସୁଶାନ୍ତ କୁମାର ପଣ୍ଡା କହିଛନ୍ତି ।

# ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ମୃତ

**ଛେଳି ପାଇଁ ଡାଳ ଭାଙ୍ଗିବା କାଳ ହେଲା**

ଦଶମନ୍ତପୁର,୩୧।୩ (ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଲୁଲା ପଞ୍ଚାୟତର ଉପରଲୁଲା ଗ୍ରାମର ଜଣେ ବ୍ୟକ୍ତିଙ୍କ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ରବିବାର ମୃତ୍ୟୁ ହୋଇଛି। ସେ ହେଲେ ଗ୍ରାମର ଗୁରୁ ଗୌଡ଼(୫୭)। ଗୁରୁ ଜଣେ ଛେଳି ଜଗୁଆଳି । ସବୁଦିନ ପରି ସେ ସକାଳେ ଛେଳି ଚରାଇବା ପାଇଁ ଗ୍ରାମଠାରୁ ୩ କିମି ଦୂର ପୂଜାନାଳ ନିକଟକୁ ଯାଇଥିଲେ। ସେଠାରେ ଥିବା ଡିମ୍ବିରି ଗଛ ଉପରେ ଚଢି ଗୁରୁ ଛେଳିଙ୍କୁ ଖୁଆଇବାକୁ ଡାଳ ଭାଙ୍ଗୁଥିଲେ। ଏହି ସମୟରେ ଡିମ୍ବିରି ଗଛ ଉପରଦେଇ ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ସେ ଆସିଥିଲେ। ଫଳରେ ଘଟଣା ସ୍ଥଳରେ ଗୁରୁଙ୍କ ମୃତ୍ୟୁ ହୋଇଥିଲା। ଏହି ଖବରପାଇ ପରିବାର ଲୋକେ ସେଠାରେ ପହଞ୍ଚି ଗୁରୁଙ୍କ ମୃତଦେହ ଘରକୁ ଆଣିଥିଲେ। ଏନେଇ ସାନପୁଅ ରଘୁ ଗୌଡ଼ ଦଶମନ୍ତପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନା ଅଧିକାରୀ ସୁକୁମା ହାଁସଦାଙ୍କ ନେତୃତ୍ୱରେ ଏଏସଆଇ ଲକ୍ଷ୍ମୀକାନ୍ତ ପଣ୍ଡା ପହଞ୍ଚି ମୃତଦେହ ଜବତ କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଜୟପୁର ଟ୍ରକ୍ ଓନର୍ସ ଆସୋସିଏଶନ ନିର୍ବାଚନ

ଜୟପୁର, ୩୧।୩ (ପବନ ପାଣିଗ୍ରାହୀ)

ଜୟପୁର ଟ୍ରକ ଓନର୍ସ ଆସୋସିଏଶନ ନିବାଚନ ରବିବାର ବାବା ସାହେବ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି । ନିର୍ବାଚନ ଅଧିକାରୀ ଭାବେ କିଶୋର ହୋତା ଓ ନରେନ୍ଦ୍ର ମହାନ୍ତି ଦାୟିତ୍ୱ ତୁଲାଇଥିଲେ । ପ୍ରଥମେ ଆସୋସିଏଶନର ସାଧାରଣ ପରିଷଦ ବୈଠକ ହେବା ପରେ ନିର୍ବାଚନ ପକ୍ରିୟା ଆରମ୍ଭ ହୋଇଥିଲା । ସଭାପତି ଭାବେ ଜୟରାମ ଗରଡା, ଉପ ସଭାପତି କେ. କିରଣ କୁମାର ରେଡ୍ଡି, ସାଧାରଣ ସମ୍ପାଦକ ଦେବେନ୍ଦ୍ର ଚୌଧୁରୀ, ଯୁଗ୍ମ ସମ୍ପାଦକ ଲକ୍ଷ୍ମୀକାନ୍ତ ପଟ୍ଟନାୟକ ବିଜୟୀ ହୋଇଛନ୍ତି । ନିର୍ବାଚନରେ ପ୍ରଜାଇଡିଂ ଅଫିସର ଭାବେ ଆଇନଜୀବୀ ହରିଶ ମୁଦୁଲି ରହିଥିଲେ। ଆଇନଜୀବୀ ଅଜିତ ପ୍ରସାଦ ମଣ୍ଡଳ , ସ୍ମୃତି ଦାସ, ସୋନାଲି ଦାସ, ଆଲୋକ ନାୟାର, ସନ୍ତୋଷ ନାୟକ ସହଯୋଗ କରିଥିଲେ।



ନିର୍ବାଚନରେ ଜଣେ ସଦସ୍ୟ ମତଦାନ ସାବ୍ୟସ୍ତ କରୁଛନ୍ତି ।

# ରାଜ୍ୟସ୍ତରୀୟ ଓପନ ଚେସ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଜୟପୁର, ୩୧।୩(ପବନ ପାଣିଗ୍ରାହୀ)



ଅତିଥିମାନେ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ।

ଜୟପୁରରେ ରାଜ୍ୟସ୍ତରୀୟ ଓପନ ଚେସ୍ ଟୁର୍ନାମେଣ୍ଟ ରବିବାର ଏମଜିରୋଡସ୍ଥିତ ଉମାମହେଶ୍ୱର କମ୍ପ୍ଲେକ୍ସରେ ଉଦ୍‌ଘାଟିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ଚେସ ଆସୋସିଏଶନ ସମ୍ପାଦକ ପ୍ରଦିପ ମହାନ୍ତି, ମୁଖ୍ୟବକ୍ତା ଭାବେ ବଲାଙ୍ଗିର ଜିଲା ଚେସ ଆସୋସିଏସନ ସମ୍ପାଦକ ପ୍ରିୟବ୍ରତ ପଣ୍ଡା ଯୋଗ ଦେଇଥିଲେ। ବିଚାରପତି ଭାବେ ଭବେଶ ମହାନ୍ତି, କୋଚ ଓ କୋର୍ଡିନେଟର ଦୀନବନ୍ଧୁ ନାୟକ, ଜୟପୁର ଚେସ ଆସୋସିଏସନର ସଭାପତି ଏ. ଉମା ମହେଶ୍ୱର, ସମ୍ପାଦକ ଦିଲୀପ ସଲିଲ, ଯୁଗ୍ମ ସମ୍ପାଦକ ଆର. ସୁବସ ଚନ୍ଦ୍ର ରାଓ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଚେସ ଟୁର୍ନାମେଣ୍ଟକୁ ଜୟପୁର ଚେସ ଆସୋସିଏଶନ ଆୟୋଜନ କରିଛି। କୋରାପୁଟ ଜିଲା ଜିଲା ଚେସ୍ ଆସୋସିଏଶନ ସହଯୋଗ କରିଛି। ଟୁର୍ନାମେଣ୍ଟ ଦୁଇଦିନ ଧରି ଚାଲିବ। ଏଥିରେ ରାଜ୍ୟର କଟକ କେନ୍ଦ୍ରାପଡା, ବଲାଙ୍ଗିର, କଳାହାଣ୍ଡି, କୋରାପୁଟ, ନବରଙ୍ଗପୁର, କେନ୍ଦ୍ରାପଡା, ବରଗଡ, ଜଗତସିଂପୁର, ଅନୁଗୋଳ, କେନ୍ଦ୍ରପଡା, ଖୋର୍ଦ୍ଧା, ସମ୍ବଲପୁର,ଭଦ୍ରକ, ରାୟଗଡା ଆଦି ଜିଲାରୁ ୧୦୯ ଜଣ ପ୍ରତିଯୋଗୀ ଭାଗ ନେଇଛନ୍ତି । ରବିବାର ୪ଟି ରାଉଣ୍ଡରେ ଖେଳ ହୋଇଥିବା ବେଳେ ସୋମବାର ୩ ରାଉଣ୍ଡ ଖେଳ ହେବ।

**ସଂକ୍ଷେପରେ**

## ଝିଙ୍କ ମାଂସ ବିକ୍ରି ଅଭିଯୋଗରେ ଜଣେ ଗିରଫ



ମାଲକାନଗିରି, ୩୧।୩ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ମାଥିଲି ବନ ବିଭାଗ ତରଫରୁ ଝିଙ୍କ ମାରି ମାଂସ ବିକ୍ରି କରିଥିବା ସମୟରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ମାଥିଲି ଥାନା ଅଞ୍ଚଳର ମାଧବ ଚାଲାଣ ନାମକ ବ୍ୟକ୍ତି ଜଙ୍ଗଲରେ ଝିଙ୍କ ମାରି ମାଂସ ବିକ୍ରି କରୁଥିବା କୌଣସି ସୂତ୍ରରୁ ଖବର ପାଇ ମାଥିଲି ବନ ବିଭାଗର ଏକ ଦଳ ମାଧବଙ୍କୁ ଗିରଫ କରିଥିଲେ। ଏଥିସହ ୯ କେଜି ୭୦୦ ଗ୍ରାମ ମାଂସ ଓ ୫୬ଟି ପକ୍ଷୀ ତାଙ୍କଠାରୁ ଜବତ କରିଛନ୍ତି। ତେବେ ଝିଙ୍କ ମାରିବା ନିୟମ ଅନୁଯାୟୀ ଏକ ଅପରାଧ ହୋଇଥିବାରୁ ବନ୍ୟ ଜନ୍ତୁ ସୁରକ୍ଷା ଆଇନ ୧୯୭୨ ଓ (ଆମେଣ୍ଡମେଣ୍ଟ ୨୦୨୨) ପ୍ରକାରେ ମାଧବଙ୍କୁ ଗିରଫ ପରେ ରବିବାର କୋର୍ଟ ଚାଲାଣ କରିଥିବା ମାଥିଲି ବନାଞ୍ଚଳ ଅଧିକାରୀ ବାସୁଦେବ ନାୟକ ସୂଚନା ଦେଇଛନ୍ତି। ଏହି ଚଢ଼ାଉରେ ଗୋବିନ୍ଦପାଲୀ ବିଟ୍ ଫରେଷ୍ଟର ଗୋବିନ୍ଦ ଦାସ, ଫରେଷ୍ଟ ଗାର୍ଡ ଜଗବନ୍ଧୁ ଦାସ, ସୁବ୍ରତ କୁମାର ପରିଡା, ଦିଲୀ କୁମାର ଡାକୁଆ, ପାରା ଷ୍ଟାଫ ସଦାଶିବ ସଗରିଆ ଦେବେନ୍ଦ୍ର ଦଳେଇ ଓ ପଦ୍ମନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଅଟୋ ଧକ୍କାରେ ୨ ଗୁରୁତର

ଉମରକୋଟ,୩୧।୩
(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଏକମ୍ବା ଗ୍ରାମ ନିକଟରେ ଅଟୋ ଧକ୍କାରେ ୨ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଝରିଗାଁ ବ୍ଲକ୍ ବେଲଗାଁ ଗ୍ରାମର ଲାଇବାନ ଭତରା (୨୫) ଓ ଚୈତନ୍ୟ କଲାର(୩୫)। ମିଳିଥିବା ସୂଚନା ଅନୁସାରେ ଲାଇବାନ, ଚୈତନ୍ୟ ଓ ପିତମ ଭତରା (୩୭) ୩ ଜଣ ବାଇକ ଯୋଗେ କୌଣସି କାମରେ ଏକମ୍ବା ଗ୍ରାମକୁ ଆସିଥିଲେ। ବେଲଗାଁ ଫେରୁଥିବା ସମୟରେ ଏକମ୍ବା ଗ୍ରାମ ନିକଟରେ ଝରିଗାଁରୁ ଉମରକୋଟ ଆସୁଥିବା ଏକ ଅଟୋ ସେମାନଙ୍କୁ ଧକ୍କା ଦେବାରୁ ୩ଜଣ ଯାକ ରାସ୍ତାରେ ଛିଟିକି ପଡ଼ିଥିଲେ। ରାସ୍ତାରେ ଯାଉଥିବା ଲୋକେ ସେମାନଙ୍କୁ ଉଦ୍ଧାର କରି ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଥିଲେ। ପ୍ରାଥମିକ ଚିକିତ୍ସା ପରେ ଲାଇବାନ ଓ ଚୈତନ୍ୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଦୁର୍ଘଟଣା ପରେ ଅଟୋ ଘଟଣାସ୍ଥଳରୁ ଫେରାର ହୋଇଯାଇଛି।

# ୨୦ ହଜାର ପଞ୍ଜୀକୃତ ଚାଷୀ ମଣ୍ଡିରେ ବିକିଲେନି ଧାନ

ନବରଙ୍ଗପୁର, ୩୧।୩(ସଦାଶିବ ପ୍ରହରଜ)

**ସରିଲା ଖରିଫ ଧାନ ସଂଗ୍ରହ**

- ଗତ ଖରିଫର ଚାଉଳ ଫେରାଇନାହାନ୍ତି ୫ ମିଲର
- ୨ ମିଲର ସିକ୍ୟୁରିଟିକୁ ଛାଡି ପୈଠ କରିବେ ଅର୍ଥ

ନବରଙ୍ଗପୁର ଜିଲାରେ ଚଳିତ ଖରିଫ ଋତୁରେ ଧାନ ସଂଗ୍ରହ ମହଲତ ସରିଛି। ଚଳିତ ଖରିଫରେ ୧୬ ଲକ୍ଷ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ଥିବାବେଳେ ୪୬ ହଜାର ଚାଷୀ ଧାନ ବିକ୍ରି ପାଇଁ ନାମ ପଞ୍ଜୀକୃତ କରିଥିଲେ। ତେବେ ମାତ୍ର ୨୬ ହଜାର ଚାଷୀ ୧୨ ଲକ୍ଷ ୭୪ ହଜାର ୯୭ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି। ତେବେ ଚଳିତ ବର୍ଷ ୨୦ ହଜାର ଚାଷୀ ମଣ୍ଡିରୁ ବିରତି ନେଲେ।

ଓଡିଶା ଓ ଛତିଶଗଡ ମଧ୍ୟରେ ଧାନ କୁଇଣ୍ଟାଲ ପ୍ରତି ପ୍ରାୟ ୧ ହଜାର ଟଙ୍କା ତାରତମ୍ୟ ଥିବାରୁ ଜିଲାର ସିଂହ ଭାଗ ଧାନ ଛତିଶଗଡ ଚାଲିଗଲା। ପ୍ରଶାସନ ଚାହିଁବି କିଛି କରିପାରିଲା ନାହିଁ। ଚଳିତ ଖରିଫରେ ଯେଉଁ ଧାନ ସଂଗ୍ରହ ହୋଇଛି ସେହି ଧାନ ବାବଦରେ ମିଲର ପ୍ରଶାସନକୁ ୮ ଲକ୍ଷ ୪୬ ହଜାର କୁଇଣ୍ଟାଲ ଚାଉଳ ଦେବେ। ତେବେ ଜିଲାରେ ବିଭିନ୍ନ ଯୋଜନାରେ ୬ ଲକ୍ଷ କୁଇଣ୍ଟାଲ ଚାଉଳ ଆବଶ୍ୟକ ରହିଥିବା ବେଳେ ଚଳିତ ବର୍ଷ କମ୍ ଧାନ ସଂଗ୍ରହ ହୋଇ ମଧ୍ୟ ୨ ଲକ୍ଷ କୁଇଣ୍ଟାଲ ଚାଉଳ ବଳକା ରହିବ। ତେବେ ଗତ ୨୦୨୨-୨୩ ଖରିଫ ଧାନ ସଂଗ୍ରହରେ କଷ୍ଟମ ମିଲିଂ ପାଇଁ ମିଲରଗୁଡିକୁ ଜିଲା ଯୋଗାଣ ବିଭାଗ ପକ୍ଷରୁ ୨୩ ଲକ୍ଷ ୬୦ ହଜାର କୁଇଣ୍ଟାଲ ଧାନ ଦିଆଯାଇଥିଲା। ସୋମନଙ୍କୁ ଦିଆଯାଇଥିବା ଧାନ ବାବଦକୁ ୧୫ ଲକ୍ଷ ୭୨ ହଜାର କୁଇଣ୍ଟାଲ ଚାଉଳ ସଂଗ୍ରହ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଗତ ଡିସେମ୍ବର ୩୦ ତାରିଖ ସୁଦ୍ଧା ଶେଷ ମହଲତ ଦିଆଯାଇଥିଲା। ମହଲତ ସରିବା ପରେ ତଥାପି ୫ଟି ମିଲର ୨୨ ହଜାର ୪୪୯ କୁଇଣ୍ଟାଲ ଚାଉଳ ଫେରାଇ ନ ଥିବାରୁ ଉକ୍ତ ରାଇସ ମିଲ୍‌ଗୁଡିକରେ ତାଲା ପକାଇଥିଲା ପ୍ରଶାସନ । ଏବେ ଯେଉଁ ମିଲରମାନେ ସିକ୍ୟୁରିଟି ଅର୍ଥଠାରୁ ଅଧିକ ଚାଉଳ ପ୍ରଦାନ କରିନାହାନ୍ତି ସେମାନଙ୍କ ପାଇଁ ଅଡୁଆ ବଢ଼ିଛି।

ଯୋଗାଣ ବିଭାଗଠାରୁ ମିଳିଥିବା ସୂଚନା ଅନୁଯାୟୀ, ଉମରକୋଟର ନବଦୁର୍ଗା ରାଇସ ମିଲ୍ ସିକ୍ୟୁରିଟି ଅର୍ଥକୁ ଛାଡି ୧ କୋଟି ୩ ଲକ୍ଷ ୬୫ ହଜାର ଟଙ୍କା ବକେୟା ରହିଥିବା ବେଳେ ନବରଙ୍ଗପୁର ଗୁପେଶ୍ୱରୀ ଆମ୍ବା ରାଇସ ମିଲ ୨୪ଲକ୍ଷ ୩ ହଜାର ଟଙ୍କା ପୈଠ କରିନାହାନ୍ତି। ସେହିପରି ଭାବେ ଶୁଭମ୍ ରାଇସ ମିଲର ୨ଟି ଲଟ ଚାଉଳ ରିଜେକ୍ଟ ହୋଇଥିବା ବେଳେ ସେହି ମିଲ ଏବେ ବି ଚାଉଳ ଫେରାଇନାହାନ୍ତି। ତେବେ ଏ ନେଇ ଯୋଗାଣ ବିଭାଗ ପକ୍ଷରୁ ଅର୍ଥ ପୈଠ ପାଇଁ ନୋଟିସ ପଠାଯାଇଛି। ଉକ୍ତ ମିଲ ୨ ଜଣ ଅର୍ଥ ପୈଠ ପାଇଁ ମହଲତ ମାଗିଛନ୍ତି। ରାଜ୍ୟ କାର୍ଯ୍ୟାଳୟ ଯାହା ନିର୍ଦ୍ଦେଶ ଦେବେ ସେହି ଅନୁଯାୟୀ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲା ଯୋଗାଣ ଅଧିକାରୀ ଅଜୟ କୁମାର ମଲ୍ଲିକ କହିଛନ୍ତି ।

# ଗରା, ମାଠିଆ ଧରି ମହିଳାଙ୍କ ରାସ୍ତାରୋକୋ



ମହିଳାମାନେ ଗରା, ମାଠିଆ ଧରି ରାସ୍ତା ଅବରୋଧ କରିଛନ୍ତି।

ନନ୍ଦାହାଣ୍ଡି,୩୧।୩,(ପ୍ରତୀପ କୁମାର ଦାଶ)

**ମନ୍ତ୍ରୀଗୁଡ଼ାରେ ପାନୀୟ ଜଳ ସଙ୍କଟ ଉତ୍କଟ**

ଗ୍ରୀଷ୍ମ ଋତୁ ଆରମ୍ଭରୁ ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ବୃଦ୍ଧି ପାଉଛି। ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ୍ ଅନ୍ତର୍ଗତ ଦହଣା ପଞ୍ଚାୟତର ମନ୍ତ୍ରୀଗୁଡା ଗ୍ରାମରେ ଖରା ସାଙ୍ଗକୁ ପାନୀୟ ଜଳ ସଙ୍କଟ ଉତ୍କଟ ହେବାରେ ଲାଗିଛି। ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ଗ୍ରାମର କିଛି ମହିଳା ଗରା, ମାଠିଆ ଧରି ରାସ୍ତା ଅବରୋଧ କରିଥିଲେ। ଯାହାର ଫଟୋ ଏବେ ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ଏହାକୁ ନେଇ ଆଡଭୋକେଟ ଶ୍ରୀକାନ୍ତ ପଣ୍ଡା ମୁଖ୍ୟମନ୍ତ୍ରୀ, ପ୍ରଧାନ ମନ୍ତ୍ରୀ, ପଞ୍ଚାୟତରାଜ ବିଭାଗ, ରାଜ୍ୟପାଳ, ସି.ଏମ.ଓଙ୍କୁ ଟ୍ୱିଟ ମାଧ୍ୟମରେ ଜଣେଇବା ସହ ଏହି ସମସ୍ୟାର ଅତିଶୀଘ୍ର ସମାଧାନ କରେଇବା ପାଇଁ ନିବେଦନ କରିଛନ୍ତି । ସେ ଗୋଷ୍ଠୀ ଉନ୍ନୟନ ଅଧିକାରୀ କ୍ଷୀରୋଦ ଚନ୍ଦ୍ର ସାହୁଙ୍କୁ ମଧ୍ୟ ଏହି ବିଷୟରେ ଅବଗତ କରେଇଥିବା ସୂଚନା ଦେଇଛନ୍ତି ।

ମିଳିଥିବା ସୂଚନା ପ୍ରକାରେ, ଗ୍ରାମରେ ୧୨ରୁ ଅଧିକ ନଳକୂପ ରହିଥିଲେ ମଧ୍ୟ ଅଚଳ ହୋଇପଡ଼ିଛି। ସେହିପରି ଗ୍ରାମକୁ ବସୁଧା ଯୋଜନାରେ ଜଳ ଯୋଗାଣ ପାଇଁ କେବଳ ପାଇପ ବିଛାଇ ଛାଡି ଦିଆଯାଇଛି। ଏ ନେଇ ନନ୍ଦାହାଣ୍ଡି ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଯୋଗାଯୋଗ ପାଇଁ ଚେଷ୍ଟା କରିଥିଲେ ମଧ୍ୟ ତାଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ। ଗ୍ରାମ୍ୟ ଜଳ ଯୋଗାଣ ଏବଂ ପରିମଳ ବିଭାଗର ଯନ୍ତ୍ରୀ ଜୟପ୍ରକାଶ ମିଶ୍ରଙ୍କୁ ପଚାରିବାରୁ ବର୍ତ୍ତମାନ ଗ୍ରାମରେ ଥିବା ସମସ୍ତ ନଳକୂପ କାର୍ଯ୍ୟକ୍ଷମ ରହିଥିବା କହିଛନ୍ତି। ସେହି ଗ୍ରାମକୁ ଯାଇ ପାଣି ସମସ୍ୟା ବିଷୟରେ ବୁଝିବେ । ବର୍ତ୍ତମାନ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବାରୁ ସେ ଜିଲାପାଳଙ୍କୁ ଜଣେଇବା ପରେ ତାଙ୍କ ଅନୁମତି ନେଇ ନଳକୂପ ଖନନ କରାଯାଇ ପାନୀୟ ଜଳ ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି ।

# ମା' କାଳୀ ସୁନ୍ଦରୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ



ମା' କାଳୀ ସୁନ୍ଦରୀଙ୍କୁ ଭକ୍ତମାନେ ସହର ପରିକ୍ରମା କରାଉଛନ୍ତି।

ଉମରକୋଟ,୩୧।୩ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ପୌର ପରିଷଦର ଡଙ୍ଗରୀଗୁଡାସ୍ଥିତ ଆଦର୍ଶ ବିଦ୍ୟାଳୟ ପାଖରେ ଥିବା ମା' କାଳୀ ସୁନ୍ଦରୀ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ୨୯ରୁ ମହା ଆଡମ୍ବର ସହ ଆରମ୍ଭ ହୋଇଛି। ସୋମବାର ଏହାର ଉଦ୍‌ଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଶୁକ୍ରବାର ଅଙ୍କୁରାରୋପଣ, ମଣ୍ଡଳ କରଣ, ଶନିବାର ବନଯାଗ, ଜଳଯାତ୍ରା, ଯଜ୍ଞ କର୍ମାରମ୍ଭ ହୋଇଥିଲା। ରବିବାର ମା'ଙ୍କ ନୂତନ ମନ୍ଦିରର ରତ୍ନମୁଦ, ଦେବୀଙ୍କ ନଗର ପରିକ୍ରମା କରାଯାଇଥିଲା। ପରେ ଦେବତାସ୍ନାନ ଓ ହୋମ ଯଜ୍ଞ କରାଯାଇଥିଲା। ସୋମବାର ନୂତନ ମନ୍ଦିରରେ ଦେବୀ ପ୍ରବେଶ, ସର୍ବ ସାଧାରଣ ଦର୍ଶନ, ଯଜ୍ଞର ପୂର୍ଣ୍ଣାହୁତି ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ ରହିଛି ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।

୭ ଜଣ ବ୍ରାହ୍ମଣଙ୍କ ଦ୍ୱାରା ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ କରାଯାଉଛି। ମୁଖ୍ୟ ପୂଜକ ଭାବେ ସତ୍ୟ ମିଶ୍ର ରହିଥିବା ବେଳେ ସହଯୋଗୀ ଭାବେ କୋଟପାଡ଼ ସହରର ଦେବୀ ଶଙ୍କର ବ୍ରହ୍ମା, ବୋରିଗୁମ୍ମା ଗ୍ରାମର ରବୀନ୍ଦ୍ର ମହାପାତ୍ର, ମାନସ ରଞ୍ଜନ ଦାସ, ବଶ୍ୱମୋହନ ପଣ୍ଡା, ପ୍ରଶାନ୍ତ ଶତପଥୀ, ବିକାଶ କୁମାର ନାହାକ ରହିଛନ୍ତି। ଶୁକ୍ରବାର ଶତାଧିକ ମହିଳା ଜଳ ଯାତ୍ରାରେ ସାମିଲ ହୋଇ ଭସ୍କେଲ ନଦୀରୁ ଜଳ ନେଇଥିଲେ। ପୌରାଣିକ କଥା ବସ୍ତୁ ଅନୁଯାୟୀ, ଉମରକୋଟ ସହରବାସୀଙ୍କ ସୁରକ୍ଷା ପାଇଁ ସହରର ଚତୁଃପାର୍ଶ୍ୱରେ ୮ଟି ଯୋଗିନୀ ରହିଛନ୍ତି ।ଏହି ଦେବାଦେବୀଙ୍କ ସୁଦୃଷ୍ଟି ଯୋଗୁଁ ସହରବାସୀ ସୁରକ୍ଷିତ ରହିଛନ୍ତି ବୋଲି ପୁରୁଖା ଲୋକେ ବିଶ୍ୱାସ କରନ୍ତି। ୮ଟି ଯୋଗିନୀଙ୍କ ମଧ୍ୟରୁ କାଳୀ ସୁନ୍ଦରୀ ମା'ଙ୍କ ମହିମା ଅନ୍ୟତମ। ତାରିଣୀ ବେହେରା, ଭିକାରୀ ପ୍ରଧାନ, ଦେବେନ୍ଦ୍ର, ହଟିଆ ରାଉତ, ଜେନ ଗିଲିଆ,ଗୌତମ ଘରାମି, ଚିଣ୍ଟୁ ବଳ, ଡମ୍ବରୁ ମାଲି, କମଲୁ ମାଳି ତଥା ଶତାଧିକ ଭକ୍ତଙ୍କ ସହଯୋଗ ଯୋଗୁ ମନ୍ଦିର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିଛି। ଦେବୀଙ୍କ ସହର ପରିକ୍ରମା ସମୟରେ ମାଣିକ ମଜୁମଦାର, ପ୍ରଦୀପ ରାୟ, ଭଦ୍ରରୁ ରାଜଗଣ୍ଡ, ଦଶରଥ ରାଜଗଣ୍ଡ, ବଳରାମ ରାଜଗଣ୍ଡ, ପ୍ରଦୀପ ବାଘଙ୍କ ସହ ଶତାଧିକ ଭକ୍ତ ସହର ସାମିଲ ହୋଇଥିଲେ।

ଗଦବା ଜନଜାତିର ନୂତନ ନାୟକ ଚୟନ

## ଅଜୟ ଇଡିଂ ହେଲେ ନୂଆ ନାୟକ

ସେମିଳିଗୁଡା,୩୧।୩
(ବାସୁଦେବ ବରାଡ଼)



ସେମିଳିଗୁଡା ଗଦବା ଆଦିବାସୀ ଜନଜାତିର ନୂତନ ନାୟକ ରୂପେ ଅଜୟ ଇଡିଂ ମନୋନୀତ ହୋଇଛନ୍ତି। ପୂର୍ବରୁ ତାଙ୍କ ବାପା ଘାସି ଇଡିଂ ଥିଲେ ଜନଜାତିର ନାୟକ। ତେବେ ଘାସିଙ୍କ ମୃତ୍ୟୁ ୨୦ ଦିନ ତଳେ ହୋଇଥିଲା। ଗଦବା ଜନ ଜାତିର ପରମ୍ପରା ଅନୁଯାୟୀ ନାୟକଙ୍କ ବଡ଼ପୁଅ ଅଜୟ ଇଡିଂଙ୍କୁ ସର୍ବସମ୍ମତିକ୍ରମେ ଗଦବା ଜନଜାତିର କାନ୍ଦୁଲଭଜା ଉତ୍ସବ ଅବସରରେ ନାୟକ ଭାବେ ଚୟନ କରାଯାଇଛି। ଏଥିରେ ସେମିଳିଗୁଡା, କାକିଗାଁ, ଆଲାମଗୁଡ଼ା, ପେଟକଣା ଅଞ୍ଚଳର ଶତାଧିକ ଗଦବା ଜନଜାତିର ଲୋକେ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, କାନ୍ଦୁଲଭଜା ଉତ୍ସବ ଚଇତିପର୍ବର ଆରମ୍ଭ ଉତ୍ସବ ରୂପେ ପରିଚିତ। ଏହି ସମାବେଶରେ ଫୁଲ ପିନ୍ଧାଣୀ କାର୍ଯ୍ୟକ୍ରମ ମଧ୍ୟ ହୋଇଥାଏ। ଗ୍ରାମର ମହିଳାମାନେ ଆସି ପୁରୁଷମାନଙ୍କୁ ଶ୍ରଦ୍ଧାର ସହ ଫୁଲ ପିନ୍ଧାନ୍ତି। ଏହି ନାୟକ ଚୟନ ଏବଂ କାନ୍ଦୁଲଭଜା ଉତ୍ସବରେ ପୂଜାରୀ ବୁଦା ଇଡିଂ, ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡମ, ଗୁରୁ କାଡମ, ପ୍ରଧାନ ଶିକ୍ଷକ ବିଜୟ ଇଡିଂ, ପୁରାତନ କାଉନସିଲର ବୃନ୍ଦା ଚପାଡ଼ି, ବାନ୍ଧୁ ଧାଙ୍ଗଡ଼ା ମାଝି, ବାରିକ ଚନ୍ଦ୍ର ଦେଉଳପାଡ଼ିଆ, ନନ୍ଦ କଇଲିପୁଟିଆ, ବାବାଜୀ ପୂଜାରୀ, ସନିଆ ଆଲାଙ୍ଗପାଡିଆ, ବୁଡ଼ା ମିର୍ଶିଂ, ରାଙ୍ଗବାଲି ଗିରେମ, ବାବୁଲା ମିସିଂଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ



ଚାମ୍ପିୟନ ଟିମ୍‌କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ଚିତ୍ରକୋଣ୍ଡା, ୩୧।୩(କ୍ଷୀରୋଦ ବେହେରା)

**ପାଲାମ ଟିମ୍ ଚାମ୍ପିୟନ**

୨୨ ତାରିଖଠାରୁ ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ଲାଲ ବାହାଦୁର ଶାସ୍ତ୍ରୀ ୟୁଥ ଏଣ୍ଡ ସ୍ପୋର୍ଟ କ୍ଲବ ଏବଂ ନିପ୍ପନ ଷ୍ଟିଲ ଇଣ୍ଡିଆ ମିଳିତ ଆନୁକୂଲ୍ୟରେ ଚିତ୍ରକୋଣ୍ଡା ଗୌଡ଼ ସାହିସ୍ଥିତ ଖେଳପଡ଼ିଆରେ ବ୍ଲକସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଥିଲା। ୧୬ ଟି ଟିମ୍‌କୁ ନେଇ ପ୍ରତିଯୋଗିତା କରାଯାଇ ରବିବାର ଉକ୍ତ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଏଥିରେ ପାଲାମ ଟିମ୍ ଚାମ୍ପିୟନ ହୋଇଛି । ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନିପ୍ପନ ଷ୍ଟିଲର ବରିଷ୍ଠ ପରିଚାଳକ ନବୀନ କୁମାର ଆମାଙ୍ଗ ଏବଂ ପ୍ଲାଣ୍ଟ ଇନ୍‌ଚାର୍ଜ ପ୍ରବୀଣ ପି.ଯୋଗ, ଲାଲବାହାଦୁର ଶାସ୍ତ୍ରୀ ୟୁଥ ଏଣ୍ଡ ସ୍ପୋର୍ଟ୍ସ କ୍ଲବ ସଭାପତି ନାରାୟଣ ଦାସ ଯୋଗ ଦେଇଥିଲେ। ବରିଷ୍ଠ ଖେଳାଳି ସନାତନ ବେହେରା ଅମ୍ପାୟାର ଭାବରେ ଦାୟିତ୍ୱ ତୁଲାଇଥିଲେ । ଫାଇନାଲ ମ୍ୟାଚ ଦୁଇଟି ଟିମ୍ ଚିତ୍ରକୋଣ୍ଡା ବ୍ୟାଙ୍କ ଲାଇନ ଟିମ୍ ସହିତ ପାଲାମା ଟିମ୍‌ର ଖେଳାଳିଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା । ଫାଇନାଲ ମ୍ୟାଚରେ ପାଲାମ ଟିମ୍ ଚମ୍ପିୟାନ ହୋଇଥିବା ବେଳେ ଚିତ୍ରକୋଣ୍ଡା ବ୍ୟାଙ୍କ ଲାଇନ ଟିମ୍ ରନର୍ସ ଅପ୍ ଭାବେ ମୁଖ୍ୟ ଅତିଥିଙ୍କଠାରୁ ପୁରସ୍କାର ଟ୍ରଫି ଗ୍ରହଣ କରିଥିଲେ। ବ୍ୟାଙ୍କ ଲାଇନ୍ ଟିମ୍ ପ୍ରଥମ ବ୍ୟାଟିଂ କରି ୮୦ ରନ କରିଥିବା ବେଳେ ପାଲାମ ଟିମ୍ ୮୧ ରନ କରି ବିଜୟୀ ହୋଇଥିଲେ। ଫାଇନାଲ ମ୍ୟାଚ ହୋଇଥିବା ଚାମ୍ପିୟନ ଓ ରନର୍ସ ଟିମ୍‌କୁ ପୁରସ୍କୃତ କରାଯାଇଥିଲା । ଉକ୍ତ ଉଦଯାପନୀ କାର୍ଯ୍ୟକ୍ରମକୁ ଲାଲ ବାହାଦୁର ଶାସ୍ତ୍ରୀ ୟୁଥ ଏଣ୍ଡ ସ୍ପୋର୍ଟ କ୍ଲବ ଉପଦେଷ୍ଟା ଗଣେଷ ଖରା ଓ ଅମିତ ଅଗ୍ରୱାଲ,ସଦସ୍ୟ ଗୁରୁ ତନ୍ତୀ, ଶ୍ରୀକାନ୍ତ ଖଣ୍ଡାଗିରି,ପପି ଖଣ୍ଡାଗିରି, ବୁଲୁ ନାଗ,ତ୍ରିନାଥ ଖରା ଓ ଦୀପକ କୁଶପାରିଆ ପରିଚାଳନା କରିଥିଲେ ।

**ଶତାଧିକ ଯୁବତୀ ଯୁବକ ଭାଜପାରେ ସାମିଲ**

# ଭାଜପା ଏମ୍‌ପି ପ୍ରାର୍ଥୀଙ୍କ ପଡ଼ିଆ ବ୍ଲକ ଅଞ୍ଚଳରେ ପ୍ରଚାର

ମାଲକାନଗିର, ୩୧।୩(ଦୁର୍ଯ୍ୟୋଧନ ପାତ୍ର)



ଭାଜପା ଏମ୍‌ପି ପ୍ରାର୍ଥୀ ବଳଭଦ୍ର ମାଝୀଙ୍କ ସହ କର୍ମୀମାନେ ଆଲୋଚନା କରୁଛନ୍ତି ।

ଭାରତୀୟ ଜନତା ପାର୍ଟିନବରଙ୍ଗପୁର ଏମ୍‌ପି ପ୍ରାର୍ଥୀ ବଳଭଦ୍ର ମାଝି ଗତ ଦୁଇଦିନ ଧରି ମାଲକାନଗିରି ଜିଲା କାଲିମେଲା ବ୍ଲକର ବିଭିନ୍ନ ଅଞ୍ଚଳ ଗସ୍ତ କରିବା ସହ ଶତାଧିକ ଦଳୀୟ କର୍ମୀ ଓ କର୍ମକର୍ତ୍ତାଙ୍କୁ ପ୍ରଚାର କରିଥିବା ବେଳେ ରବିବାର ପଡିଆ ବ୍ଲକର ବିଭିନ୍ନ ଅଞ୍ଚଳ ଗସ୍ତ କରି କର୍ମୀ ସମ୍ମିଳନୀ ସହ ଅଞ୍ଚଳର ଯୁବତୀ ଯୁବକ ଏବଂ କଂଗ୍ରେସ ଓ ବିଜେଡିର ଅନେକ କର୍ମୀଙ୍କୁ ନିଜ ଦଳରେ ସାମିଲ କରିଛନ୍ତି। ମାଝି ଏମ୍‌ଭି ୭୯ ଏବଂ ପଡିଆରେ ଏକ ସାଧାରଣ ସଭାରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ହିତକର ଯୋଜନା ସମ୍ବନ୍ଧରେ ସୂଚନା ଦେବା ସହ ଏହି ଯୋଜନାଗୁଡ଼ିକୁ ରାଜ୍ୟ ସରକାର କିପରି ନିଜ ଯୋଜନା ବୋଲି ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। ଏଥିସହ କେନ୍ଦ୍ର ସରକାରଙ୍କ ଯୋଜନାକୁ ରାଜ୍ୟ ସରକାର ଠିକ୍ ଭାବେ ପାଳନ କରୁ ନ ଥିବା ସେ ଅଭିଯୋଗ କରିଛନ୍ତି। କାର୍ଯ୍ୟକ୍ରମରେ ପଡିଆ ଥାନା ଅଞ୍ଚଳର ବିଭିନ୍ନ ଗ୍ରାମର ଶତାଧିକ ଯୁବତୀ ଯୁବକ ଓ ଅନ୍ୟ ଦଳର କେତେକ କର୍ମୀ ଓ କର୍ମକର୍ତ୍ତା ଭାଜପାରେ ସାମିଲ ହୋଇଛନ୍ତି। ମାଝି ସେମାନଙ୍କୁ ଭାଜପା ଉତ୍ତରୀୟ ଏବଂ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ି, ପୂର୍ବତନ ବିଧାୟକ ମୁକୁନ୍ଦ ସୋଡି, ଜିଲା ସଭାପତି ନିମାଇଁ ପାଲ, ସାଧାରଣ ସମ୍ପାଦକ ମାଣିକ ଚକ୍ରବର୍ତ୍ତୀଙ୍କ ସହ ୫୦୦ରୁ ଉର୍ଦ୍ଧ୍ୱ ଦଳୀୟ କର୍ମୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଜଙ୍ଗଲରୁ ୧୧୬ କିଲୋ ଗଞ୍ଜେଇ ଜବତ, ଜଣେ ଗିରଫ

ବାଲିମେଳା,୩୧।୩(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା ଅବକାରୀ ବିଭାଗ ଓଆଇସି ରବୀନ୍ଦ୍ରନାଥ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ରବିବାର ସକାଳୁ ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ବଡ଼ପଦର ଅଞ୍ଚଳରେ ପାଟ୍ରୋଲିଂ ସମୟରେ ପଣ୍ଡିଆଗୁଡା ଗ୍ରାମ ନିକଟ ଜଙ୍ଗଲରେ ବିପୁଳ ପରିମାଣର ଗଞ୍ଜେଇ ଥିବା ଖବର ପାଇ ସେଠାରେ ଥିବା ୧୧୬ କି.ଗ୍ରା. ଗଞ୍ଜେଇ ଜବତ କରିଥିଲେ। ଏଥିରେ ଉକ୍ତ ପଞ୍ଚାୟତ ପାଣ୍ଡିଆଗୁଡା ଗ୍ରାମରେ ରହୁଥିବା ଗୋପୀ ପାଙ୍ଗି ସମ୍ପୃକ୍ତ ଥିବା ଜାଣିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ଅବକାରୀ ବିଭାଗର ଏହି ଟିମ୍ ଗୋପୀଙ୍କୁ ତାଙ୍କ ଘରୁ ଗିରଫ କରି ଘଟଣାର ସତ୍ୟତା ପଚାରିଥିଲେ। ଗାଁ ନିକଟ ଜଙ୍ଗଲରେ ରଖାଯାଇଥିବା ଗଞ୍ଜେଇ ମୁଁ ରଖିଛି ବୋଲି ସେ କହିଥିଲେ। ଏ ନେଇ ବାଲିମେଳା ଅବକାରୀ ଥାନାରେ ୧୮୩/୨୪ ଦଫା ୨୦(ବି)(ii)(ସି) ଏନ୍‌ଡିପିଏସ୍ ଧାରାରେ ଏକ ମାମଲା ରୁଜୁ କରି ଗୋପୀଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରାଯାଇଥିବା ବାଲିମେଳା ଅବକାରୀ ଓଆଇସି ପ୍ରଧାନ ସୂଚନା ଦେଇଛନ୍ତି । ଚଢ଼ାଉରେ ମାଥିଲି ଥାନା ଓଆଇସି ପ୍ରଭାକର ସେଠୀ,ଏଏସ୍‌ଆଇ ସୁରେନ୍ଦ୍ର ମାଝି, ଏଏସ୍‌ଆଇ ରାମଚନ୍ଦ୍ର ହନ୍ତାଳ,କନଷ୍ଟେବଲ କାହ୍ନୁ ଚରଣ ମଲ୍ଲିକ, ପ୍ରଭାତ କୁମାର ସାହୁ, ନିତ୍ୟରଞ୍ଜନ ତାଣ୍ଡି, ଚନ୍ଦ୍ରକାନ୍ତ ନାୟକ, ମୁରଲୀ ରଜକ ଓ ସୁଜାତା କୁମାରୀ ହିଆଲ ପ୍ରଭୃତି ସାମିଲ ଥିଲେ।




# ଆଦିବାସୀଙ୍କ ଉପାସନାର ପୀଠ ପଥର ସଦୃଶ ମନ୍ଦିର

ମାଲକାନଗିରି,୩୧।୩(ଦୁର୍ଯ୍ୟୋଧନ ପାତ୍ର)

**ପର୍ଯ୍ୟଟନସ୍ଥଳୀ ଲାଗି ଅଞ୍ଚଳବାସୀଙ୍କ ଦାବି**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ସାବେରୀ ନଦୀ ନିକଟରେ ଏକ ମନ୍ଦିର ଦେଖିବାକୁ ମିଳିଛି, ଯାହାକି ଲୁକାୟିତ ଅବସ୍ଥାରେ ରହିଛି। ଏହି ମନ୍ଦିରରେ ଆଦିବାସୀମାନେ ପୂଜା କରନ୍ତି। ସେମାନଙ୍କର ବିଶ୍ୱାସ ଆମମାନଙ୍କ ପାଇଁ ଭଗବାନ ଏବଂ ପ୍ରକୃତି ଶହ ଶହ ବର୍ଷ ପୂର୍ବରୁ ଏହା ନିର୍ମାଣ କରିଥିଲେ। ଏହାର ଚତୁଃପାର୍ଶ୍ୱରେ ଥିବା ଆଦିବାସୀ ଗ୍ରାମର ଲୋକେ ଏହା ଭଗବାନଙ୍କ ଅବଦାନ ବୋଲି କହିବା ସହ ବର୍ଷରେ ଦୁଇଥର ସେଠାରେ ପୂଜାର୍ଚ୍ଚନା କରନ୍ତି। ଦୁର୍ଗମ ଜଙ୍ଗଲ ମଧ୍ୟରେ ଥିବା ମନ୍ଦିର ସଦୃଶ ପଥରର ଉଚ୍ଚତା ୧୬୦ ଫୁଟ ଥିବା ବେଳେ ଭିତରେ ପ୍ରବେଶ କରିବା ପାଇଁ ସୁଡଙ୍ଗ ଭଳି ରାସ୍ତା ଅଛି। ଭିତରେ ଟିମିରି ଚଢେଇ, ପାରା ଏବଂ ବାହାର ପଟେ ଅନେକ ବଡ ବଡ ମହୁଫେଣା ଦେଖିବାକୁ ରହିଥିବା ମିଳେ। ଏହି ମନ୍ଦିରର ୨ କି.ମି.ପରିଧି ମଧ୍ୟରେ କୌଣସି ପାହାଡ ନାହିଁ। ମନ୍ଦିର ସଦୃଶ ଏହି ପାହାଡ ଚତୁଃପାର୍ଶ୍ୱରେ ଥିବା ଗ୍ରାମ ଭସକାଲବାଙ୍ଗ, ପୁରୁଣାନିଳିଗୁଡା, ନୂଆ ନିଳିଗୁଡା, ପରସନପାଲ୍ଲୀ ଓ ଚେରିକିଗୁଡା ଗ୍ରାମବାସୀ ରଜ ପର୍ବରେ ( ବିହନ ପର୍ବରେ) ମନ୍ଦିରକୁ ଯାଇ ସେଠାରେ ବିହନ ପୂଜା ସହ କୁକୁଡା ବଳି ଦେଇଥାନ୍ତି। ଧାନ ଅମଳ ସରିଲା ପରେ ପୌଷ ମାସରେ ଏକ ଭଲ ଦିନ ଦେଖି ସେଠାରେ ଯାଇ ନୂଆ ଧାନ ପୂଜା କରିଥାନ୍ତି। ମନ୍ଦିରରେ ଏକ ଅଦୃଶ୍ୟ ଠାକୁର ଥିବା ସେମାନେ ଅନୁଭବ କରନ୍ତି।

ପୁରୁଣା ନିଳିଗୁଡା ଗ୍ରାମର ଗଙ୍ଗା ସୋଡି (୯୭) କହନ୍ତି, ତାଙ୍କ ବାପା ସ୍ୱର୍ଗତ ବାଣ୍ଡି ସୋଡି ଏବଂ ଅଜା ସ୍ୱର୍ଗତ ମୁକା ସୋଡିଙ୍କଠାରୁ ସେ ପିଲାଦିନେ ଏହି ମନ୍ଦିର କଥା ଶୁଣିଥିଲେ। ୧୨ କିଲୋମିଟର ଘୋର ଜଙ୍ଗଲ ମଧ୍ୟରେ ଏହି ମନ୍ଦିର ଚତୁଃପାର୍ଶ୍ୱରେ ଘଞ୍ଚ ଜଙ୍ଗଲ ରହିଛି। ବନ୍ୟଜନ୍ତୁଗୁଡିକ ମନ୍ଦିରକୁ ଘେରି ରହିଥାନ୍ତି। କୌଣସି ଶିକାରୀଙ୍କୁ ଜନ୍ତୁଗୁଡିକ ମନ୍ଦିର ପ୍ରବେଶ ପାଇଁ ସୁଯୋଗ ଦେଇ ନ ଥିଲେ। ଅନେକ ଶିକାରୀଙ୍କର ବନ୍ୟଜନ୍ତୁଙ୍କ ଆକ୍ରମଣରେ ମୃତ୍ୟୁ ଘଟିଥିବା ସେ ଅଜାଙ୍କଠାରୁ ଶୁଣିଥିଲେ। ମନ୍ଦିର ଉପରେ ଥିବା ଏକ ବଡ ପଥର କଳସରେ ବର୍ଷସାରା ପାଣି ରହୁଥିଲା। ସେହି କଳସରେ ସବୁବେଳେ ମାଛ ରହୁଥିଲେ । ଜଣେ ବ୍ୟକ୍ତି ଯାହାର ଠିକ୍ ପରିଚୟ କେହି କହିପାରୁ ନ ଥିଲେ ସେ କଳସରେ ଥିବା ମାଛ ମାରି ଖାଉଥିଲେ। ଏବେ ମଧ୍ୟ



୩୦ ଫୁଟ ଲମ୍ବ ଏବଂ ୨୦ଫୁଟ୍ ଓସାରରେ ଥିବା ଏକ ଚଟାଣରେ ପଥର କୁଲା, ଚୁଲି, ମଶିଣା ଏବଂ ପାଦ ଚିହ୍ନ ରହିଛି। ଉପରେ ଠିଆ ହେଲେ ପଡୋଶୀ ଛତିଶଗଡର ସୁକ୍‌ମା, ବଇଲାଡିଲା ଏବଂ ମାଲକାନଗିରି ଜିଲାର ଅନେକ ଅଞ୍ଚଳ ଦୃଶ୍ୟମାନ ହୁଏ। କୌଣସି ଅନୈତିକ କାର୍ଯ୍ୟ ସ୍ଥାନୀୟ ଲୋକଙ୍କ ଦ୍ୱାରା ହେଲେ କୁଣ୍ଡରେ ଥିବା ମାଛ ଏବଂ ସେଠାରେ ରହୁଥିବା ବ୍ୟକ୍ତି ଜଣକ ଅଦୃଶ୍ୟ ହୋଇଯାଆନ୍ତି। ଏହା ଜାଣିଲା ପରେ ବିଭିନ୍ନ ଗ୍ରାମର ପୂଜାରୀ ଏବଂ ଗୁଣିଆମାନେ ପୁନର୍ବାର ମନ୍ଦିର ପାଦଦେଶରେ ପୂଜାର୍ଚ୍ଚନା କରି ସେହି ଦେବତାଙ୍କୁ କ୍ଷମା ମାଗିଲା ପରେ ସେ ଅଦୃଶ୍ୟ ମଣିଷ ମନ୍ଦିରକୁ ଫେରି ଆସିବା ସହ ଉପରେ ଥିବା କଳସରେ ପାଣି ସହ ମାଛ ପ୍ରବେଶ କରନ୍ତି। ଏବେ ଜନବସତି ବୃଦ୍ଧି ଏବଂ ଜଙ୍ଗଲ କ୍ଷୟ ହେବା ଯୋଗୁ ସେହି ବ୍ୟକ୍ତି ଆଉ ଦେଖାଯାଉ ନାହାନ୍ତି ସତ, ମାତ୍ର ମଧ୍ୟ ରାତ୍ରରେ ମନ୍ଦିର ଉପରୁ ଏକ ବିକଟାଳ ଶବ୍ଦ ଶୁଣାଯାଉଥିବା ସ୍ଥାନୀୟ ଅଞ୍ଚଳବାସୀ କୁହନ୍ତି।

ମନ୍ଦିର ଭିତରକୁ ପ୍ରବେଶ ପାଇଁ ଏକ ଗୁମ୍ଫା ଦେଇ ଯିବାକୁ ହୁଏ । ଗ୍ରୀଷ୍ମ ଋତୁରେ ଭିତରେ ପ୍ରବଳ ଥଣ୍ଡା ଅନୁଭୂତ ହେଉଥିବା ଗ୍ରାମବାସୀ କହିଛନ୍ତି। ଗ୍ରାମର କେଶା କାର୍ତ୍ତାମୀ(୮୪) କହନ୍ତି, ମନ୍ଦିର ସମ୍ପର୍କରେ ତାଙ୍କ ବାପା କଷା କାର୍ତ୍ତାମୀ ଏବଂ ଅଜା ଇର୍ମା କାର୍ତ୍ତାମୀଙ୍କଠାରୁ ପିଲା ଦିନୁ ଶୁଣିଥିଲେ। ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ସାବେରୀ ନଦୀଠାରୁ ମାତ୍ର ୪ କି.ମି,ଦୂରରେ ଅବସ୍ଥିତ ଏହି ମନ୍ଦିର ରହିଛି। ଏ ସମ୍ପର୍କରେ ଅଧିକ ଗବେଷଣା କରିବା ପାଇଁ ନିଳିଗୁଡା ପଞ୍ଚାୟତର ପୂର୍ବତନ ଯୁବ ସରପଞ୍ଚ ବୁଦ୍ରା କାର୍ତ୍ତାମୀ ଏବଂ ଗୋରାଖୁଣ୍ଟାର ପୂର୍ବତନ ସରପଞ୍ଚ ଏରା ପଡିଆମି ଦାବି କରିଛନ୍ତି। ଗବେଷଣା ହେଲେ ଏ ସମ୍ପର୍କରେ ଆହୁରି ଅଧିକ ତଥ୍ୟ ମିଳିପାରିବ ବୋଲି ଉଭୟେ ପ୍ରକାଶ କରଛନ୍ତି ।

# କାଗଜ କଲମରେ ସୀମିତ ଓଡ଼ିଆ ଭାଷା ସୁରକ୍ଷା

ରାୟଗଡା, ୩୧।୩ (ଭାଗ୍ୟଶ୍ରୀ ମିଶ୍ର)

### ଆଜି ଓଡ଼ିଶା ଦିବସ

- ଓଡ଼ିଆ ଭାଷା ବଦଳରେ ଇଂଲିଶ, ତେଲୁଗୁରେ ଲାଗିଛି ନାମଫଳକ
- ପ୍ରଶାସନ ପକ୍ଷରୁ ହେଉନି କାର୍ଯ୍ୟାନୁଷ୍ଠାନ

ସାରା ରାଜ୍ୟରେ ଏପ୍ରିଲ ୧କୁ ଓଡ଼ିଶା ଦିବସ ଭାବେ ପାଳନ କରାଯାଉଛି । ଭାଷା ଭିତ୍ତିରେ ପ୍ରଥମ ରାଜ୍ୟ ଗଠନ ଏବଂ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନକୁ ଏହା ଭିତରେ ୮ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ବିତିଯାଇଛି। ହେଲେ ରାୟଗଡା ଜିଲାରେ ପ୍ରଶାସନିକ ଅଧିକାରୀଙ୍କ ଆନ୍ତରିକତା ଅଭାବରୁ ଓଡ଼ିଆ ଭାଷା ଓ ସଂସ୍କୃତି ଅବହେଳିତ ଓ ବିକୃତ ହେବାରେ ଲାଗିଛି। ଦକ୍ଷିଣ ଓଡ଼ିଶାର ଆନ୍ଧ୍ର–ଓଡ଼ିଶା ସୀମାନ୍ତରେ ଥିବା ଉପାନ୍ତ ରାୟଗଡା ଜିଲାରେ ଓଡିଆ ଭାଷା ଓ ଲେଖାର ସ୍ଥିତି ଏବେ ଉଦ୍‌ବେଗଜନକ ରହିଛି।

ସ୍ଥାନୀୟ ସରକାରୀ କାର୍ଯ୍ୟାଳୟରେ ଓଡ଼ିଆରେ ଲେଖିବା ପାଇଁ ସରକାର ୨୦୧୫ରୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ରାୟଗଡା ଜିଲାରେ କାଗଜ କଲମରେ ସୀମିତ ରହିଯାଇଛି ଓଡ଼ିଆ ଭାଷା ସୁରକ୍ଷା । ରାୟଗଡ଼ା ସହରରେ ଥିବା ଅଧାରୁ ଅଧିକ ସରକାରୀ ଓ ବ୍ୟବସାୟିକ ପ୍ରତିଷ୍ଠାନଗୁଡିକର ନାମଫଳକ ଓଡ଼ିଆ ପରିବର୍ତ୍ତେ ଇଂଲିଶ ଏବଂ ତେଲୁଗୁରେ ନାମଫଳକ ଲେଖାଯାଇଥିବା ଦେଖିବାକୁ ମିଳୁଛି।



ଇଂଲିଶରେ ଲେଖାହୋଇଥିବା ହୋଟେଲ ନାମକରଣ ।

ଜିଲା ଶ୍ରମ ବିଭାଗ ପାଖରେ ପୂର୍ବରୁ ଯେଉଁ ବ୍ୟବସାୟିକ ପ୍ରତିଷ୍ଠାନଗୁଡିକ ପଞ୍ଜୀକରଣ କରିସାରିଛନ୍ତି ସେମାନଙ୍କ ନାମଫଳକ ଓଡ଼ିଆରେ ଲେଖାଯାଉଥିବାବେଳେ ବର୍ତ୍ତମାନ ସହରରେ ଗଢିଉଠୁଥିବା ଅନେକ ଆପାର୍ଟମେଣ୍ଟ,ରେଷ୍ଟୁରାଣ୍ଟ, ଶୋ'ରୁମ, ହୋଟେଲ ଆଦିର ନାମଫଳକରେ ଓଡ଼ିଆ ଲେଖା ଦେଖିବାକୁ ମିଳୁନାହିଁ । ଯଦି ବି କେଉଁଠାରେ ଲେଖାହୋଇଥାଏ ତାହା ଅତି କଦର୍ଯ୍ୟ ଭାବେ ଲେଖାଯାଇଛି। ଅନେକ ସ୍ଥାନରେ ଓଡିଆ ବନାନଠାରୁ ଆରମ୍ଭ କରି ଅକ୍ଷରଗୁଡିକୁ ଭୁଲ ଭାବେ ଲେଖାଯାଉଛି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ସରକାରୀ କାର୍ଯ୍ୟାଳୟ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ନାମଫଳକରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଲେଖାଯାଇଛି। ସେହିପରି ଜିଲାପାଳଙ୍କ କାର୍ଯ୍ୟାଳୟରେ ରାୟଗଡ ଲେଖା ଯାଇଥିବାବେଳେ ରେଳ ଷ୍ଟେଶନରେ ରାୟଗଡା ଲେଖାଯାଉଛି। ଫଳରେ ସହରର ପ୍ରକୃତ ନାମ କ'ଣ ରହିଛି ବୋଲି ବାହାରୁ ଆସୁଥିବା ଯାତ୍ରୀଙ୍କ ମଧ୍ୟରେ ଭ୍ରମ ସୃଷ୍ଟି ହେଉଛି । ଓଡ଼ିଆ ଭାଷାକୁ କଦର୍ଯ୍ୟ କରି ଲେଖାଯାଉଥିଲେ ମଧ ପ୍ରଶାସନ ପକ୍ଷରୁ ଆଜି ସୁଦ୍ଧା କୌଣସି ଆଖି ଦୃଶିଆ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବା ଅଭିଯୋଗ ହେଉଛି। ଫଳରେ ଉପାନ୍ତ ରାୟଗଡା ଜିଲାରେ ଓଡ଼ିଆ ଭାଷା ପ୍ରତି ଲୋକଙ୍କ ଆଦର କାମୁଥିବା ଜଣେ ଭାଷା ପ୍ରେମୀ ଲାବଣ୍ୟ ମୋହନ ପଟ୍ଟନାୟକ କହିଛନ୍ତି ।

ଅନ୍ୟପକ୍ଷେ ଆନ୍ତଃରାଜ୍ୟ ବସ୍‌ରେ ଓଡ଼ିଆ ଭାଷା ପରିବର୍ତ୍ତେ ତେଲୁଗୁ ଭାଷା ବହୁଳ ବ୍ୟବହାର ହେଉଥିବା ଦେଖିବାକୁ ମିଳୁଛି। ଏପରିକି ସହରରେ ଥିବା ଅନେକ ସିନେମା ହଲ୍‌ରେ ବର୍ଷ ତମାମ ଅଣଓଡିଆ ସିନେମା ପ୍ରଦର୍ଶିତ ହେଉଥିବା ବେଳେ ଓଡିଆ ସିନେମା ଲଗାଯିବା ପାଇଁ ଓଡିଆଙ୍କ ପକ୍ଷରୁ ଦାବି କରିବାକୁ ପଡିଥାଏ। ଯାହାକି ଦୁର୍ଭାଗ୍ୟଜନକ ବୋଲି ଭାଷାବିତ୍‌ମାନେ ମତ ପ୍ରକାଶ କରୁଛନ୍ତି । ରାୟଗଡାରେ ଓଡିଆ ଭାଷାର ବହୁଳ ବ୍ୟବହାର ପାଇଁ ବିଭିନ୍ନ ସଂଗଠନଗୁଡିକ ସ୍ଥାନୀୟ ପ୍ରଶାସନକୁ ଦାବିପତ୍ର ତଥା ଆଲୋଚନା ମାଧ୍ୟମରେ ମନେ ପକାଇ ଆସୁଛନ୍ତି । ହେଲେ ଏହାର କିଛି ସୁଫଳ ମିଳୁ ନ ଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଜିଲା ଶ୍ରମ ଅଧିକାରୀ ଜସ୍ମିନ ସାହୁଙ୍କୁ ପଚାରିବାରୁ, ଓଡ଼ିଆରେ ନାମଫଳକ ନ ଲେଖିଲେ କିମ୍ବା କଦର୍ଯ୍ୟ କରି ଓଡ଼ିଆ ଭାଷା ଲେଖିଲେ ୫୦୦୦ରୁ ଆରମ୍ଭ କରି ୨୫୦୦୦ ଫାଇନ ରହିଥିବା ସେ କହିଛନ୍ତି । ଗତ ବର୍ଷ ୨୫ ଜଣଙ୍କୁ ନୋଟିସ୍ କରିଥିଲୁ । କିନ୍ତୁ କେତେ ଫାଇନ ଆଦାୟ ହୋଇଛି ତାର ତଥ୍ୟ ନ ଥିବା ସେ କହିଛନ୍ତି। ଚଳିତ ବର୍ଷ କାହାରିକୁ ନୋଟିସ କରାଯାଇନାହିଁ ବୋଲି ମଧ ସେ କହିଛନ୍ତି । ସେହିପରି ରେଳ ଷ୍ଟେଶନରେ ରାୟଗଡା ପରିବର୍ତ୍ତେ ରାୟଗଡ଼ ଲେଖାଯିବା ପାଇଁ ଆମେ ଆଲୋଚନା କରି ଆନ୍ଧ୍ରପ୍ରଦେଶର ଜୋନାଲ ହେଡ୍‌ଙ୍କୁ ଜଣାଇବୁ ବୋଲି କହିଛନ୍ତି। ଏବେ ନିର୍ବାଚନ ପାଇଁ ଆଚରଣ ବିଧି ଲାଗୁ କରାଯାଇଥିବାରୁ ନିର୍ବାଚନ ପରେ ଯେଉଁ ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ଓଡ଼ିଆ ନାମଫଳକ ଲଗାଇନାହାନ୍ତି, ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

## ମୁନିଗୁଡ଼ାରେ ବିଜେଡିର ମିଶ୍ରଣ ପର୍ବ


ମନ୍ତ୍ରୀ ଓ ବିଏସ୍‌କେୱାଇ ରାଜ୍ୟ ଉପଦେଷ୍ଟାଙ୍କ ସହ ନୂଆ କରି ଯୋଗଦେଇଥିବା ବିଜେଡି କର୍ମୀ।

ମୁନିଗୁଡା,୩୧।୩ (ନନ୍ଦ କିଶୋର ପଟ୍ଟନାୟକ)

ରାୟଗଡା ଜିଲା ମୁନିଗୁଡାର ବିଜେଡି କାର୍ଯ୍ୟାଳୟ ପରିସରରେ ରବିବାର ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ବିଜେଡି ବ୍ଲକ ସଭାପତି ରତନ ଲାଲ ଜୈନ ଓ ଜିଲା ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଗୌଡ଼ଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ମୁନିଗୁଡା ବ୍ଲକ ଅନ୍ତର୍ଗତ ପାତ୍ରଗୁଡା ପଞ୍ଚାୟତ ଢ଼ାବାସାହି ଓ ସରାବାଲିର ବିଭିନ୍ନ ଦଳରୁ ପ୍ରାୟ ୨୫ରୁ ଊର୍ଦ୍ଧ୍ୱ ନେତା ଓ କର୍ମୀ ବିଜେଡିରେ ଯୋଗଦାନ କରିଛନ୍ତି। ଢ଼ାବାସାହି ଓ ସରାବାଲିର ସୁବାରାଓ ହିଆଲ, ସନ୍ତୋଷ ହିଆଲ, ପୁରୁଷୋତ୍ତମ କୁମାର, କଦଣ୍ଡ ସଗଡ଼ିଆ, ଦେବେନ୍ଦ୍ର କୁମାର, ରସିଲ ସଗଡ଼ିଆ, ଦୀନବନ୍ଧୁ ସଗଡ଼ିଆ ଏବଂ ମୁନିଗୁଡାର ଗୋପାଲ ନାଗ ବିଜେଡିରେ ବିଧିବଦ୍ଧ ଭାବେ ସାମିଲ ହୋଇଛନ୍ତି। ରାଜ୍ୟ ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା, ବିଜେଡି ଜିଲା ସଭାପତି ତଥା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ରାଜ୍ୟ ଉପଦେଷ୍ଟା ସୁଧୀର କୁମାର ଦାସ ଯୋଗଦେଇ ସମସ୍ତ ନେତା ଓ କର୍ମୀମାନଙ୍କୁ ଦଳୀୟ ଚିହ୍ନ ଥିବା ଉତ୍ତରୀୟ ପ୍ରଦାନ କରି ବିଜୁ ଜନତା ଦଳକୁ ସ୍ୱାଗତ କରିଥିଲେ। ଏଥିସହ ଆଗାମୀ ସାଧାରଣ ନିର୍ବାଚନରେ ଦଳ କିପରି ଆହୁରି ଅଧିକ ମଜବୁତ ହୋଇ ବିପୁଳ ଭୋଟରେ ବିଜୟ ଲାଭ କରିବ ସେ ନେଇ ଆଲୋଚନା କରିଥିଲେ। ସମସ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ ଚିନ୍ତାଧାରା ଓ ବିଭିନ୍ନ ଗରିବ କଲ୍ୟାଣ ଯୋଜନାକାରୀ ଉପରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗଦାନ କରିଥିବା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ସଙ୍ଗଠକ ପିଙ୍କୁ ପାତ୍ର, ବୃନ୍ଦାବନ ପାଢ଼ୀ, ଯୁବ ବ୍ଲକ ସଭାପତି ସୀମାଞ୍ଚଳ ଦାସ, ପାତ୍ରଗୁଡା ସମିତି ସଭ୍ୟା ଶକୁନ୍ତଳା ନୁନ୍ଦୁକା, ଶିବପଦର ସରପଞ୍ଚ ପ୍ରକାଶ କରସିକା ପ୍ରମୁଖଙ୍କ ସମେତ ଅନ୍ୟ ଦଳୀୟ ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ ।

## ପୋଖରୀ ହୁଡ଼ାରୁ ନବଜାତ ଶିଶୁକନ୍ୟା ଉଦ୍ଧାର

ଉମରକୋଟ,୩୧।୩ (ସନ୍ତୋଷ ଶତପଥୀ)

ଉମରକୋଟ ସହରର ୨ ନମ୍ବର ୱାର୍ଡ଼ରେ ଥିବା ପଦ୍ମ ପୋଖରୀ ହୁଡାରୁ ଏକ ନବଜାତ ଶିଶୁକନ୍ୟା ଉଦ୍ଧାର କରାଯାଇଛି। ରବିବାର ଅପରାହ୍ନ ପ୍ରାୟ ୪.୩୦ରେ ଗୋଡିଗୁଡାର କିଛି ଯୁବକ ପଦ୍ମ ପୋଖରୀ ହୁଡ଼ାରେ ଥିବା ଏକ ବୁଦା ଭିତରେ ଏକ କାର୍ଟୁନ ପଡ଼ିଥିବା ଦେଖି ନିକଟକୁ ଯାଇଥିଲେ । ଉବା ଭିତରେ ଏକ କପଡାରେ ଗୁଡାଯାଇଥିବା ଏକ ନବଜାତ ଶିଶୁକନ୍ୟାକୁ ଦେଖି ୨ ନମ୍ବର୍ ୱାର୍ଡ଼ କାଉନସିଲର ଚିତ୍ତରଞ୍ଜନ ପାତ୍ରଙ୍କୁ ଖବର ଦେଇଥିଲେ। କାଉନସିଲର ସେଠାରେ ପହଞ୍ଚିବାବେଳକୁ ଛୁଆଟିର ଶରୀର ସାରା ପିମ୍ପୁଡ଼ି ଲାଗି ଯାଇଥିଲା। ତୁରନ୍ତ କାଉନସିଲର ଉମରକୋଟ ଥାନା ଅଧିକାରୀ ଡମ୍ବରୁଧର ପ୍ରଧାନଙ୍କୁ ସୂଚନା ଦେଇ ଉମରକୋଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଯାଇଥିଲେ। ସେଠାରେ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ସନ୍ତୋଷ କୁମାର ପଣ୍ଡା ଶିଶୁର ଚିକିତ୍ସା କରିଥିଲେ। ଶିଶୁର ଓଜନ ପ୍ରାୟ ୯୦୦ ଗ୍ରାମ ଥିବା ଜଣାପଡିଛି। ସମୟ ପୂର୍ବରୁ ଗର୍ଭପାତ କରାଯାଇ ଝିଅ ଜନ୍ମ ହୋଇଛି ବୋଲି କେହି ଫୋପାଡି ଦେଇଥାଇ ପାରେ ବୋଲି ଅନୁମାନ କରାଯାଉଛି। ତେବେ ଶିଶୁଟି ମେଡ଼ିକାଲକୁ ଆସିବା ସମୟରେ ଅବସ୍ଥା ବହୁତ ଖରାପ ଥିଲା । ଚିକିତ୍ସା ପରେ ସାସ୍ଥ୍ୟାବସ୍ଥାରେ ସାମାନ୍ୟ ସୁଧାର ଆସିଥିବା ଡାକ୍ତର କହିଛନ୍ତି। ଶିଶୁ ସମୟ ପୂର୍ବରୁ ଜନ୍ମ ହୋଇଥିବାରୁ ସାଧାରଣତଃ ଶରୀରର ଅଙ୍ଗ ପ୍ରତ୍ୟଙ୍ଗ ଠିକ ଭାବେ କାମ କରି ନ ଥାଏ । ତେଣୁ ଦରକାର ପଡିଲେ ଶିଶୁର ଉନ୍ନତମାନର ଚିକିତ୍ସ ପାଇଁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯିବ। ଏଥିସହ ଘଟଣା ସମ୍ପର୍କରେ ନବରଙ୍ଗପୁର ଶିଶୁ ମଙ୍ଗଳ କମିଟିକୁ ଜଣେଇ ଦିଆଯାଇଛି ବୋଲି ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ସନ୍ତୋଷ କୁମାର ପଣ୍ଡା ସୂଚନା ଦେଇଛନ୍ତି।

## 'ସ୍ୱତନ୍ତ୍ର ଉତ୍କଳ ପ୍ରଦେଶରେ ମଧୁବାବୁଙ୍କ ଭୂମିକା' ଶୀର୍ଷକ ପ୍ରତିଯୋଗିତା

ରାୟଗଡ଼ା,୩୧।୩(ଆଶିଷ ରଞ୍ଜନ ପଣ୍ଡା)

୮୯ ତମ ଉତ୍କଳ ଦିବସ ଉପଲକ୍ଷେ ସ୍ଥାନୀୟ ସାଇପ୍ରିୟା ନଗରସ୍ଥିତ ସାଇପ୍ରିୟା ୱେଲଫର ଟ୍ରଷ୍ଟ ତରଫରୁ ରବିବାର ଏକ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଟ୍ରଷ୍ଟର କାର୍ଯ୍ୟାଳୟରେ ଆୟୋଜିତ ପ୍ରତିଯୋଗିତାରେ ସାଇପ୍ରିୟା ନଗରର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। 'ସ୍ୱତନ୍ତ୍ର ଉତ୍କଳ ପ୍ରଦେଶରେ ମଧୁବାବୁଙ୍କ ଭୂମିକା' ଶୀର୍ଷକ ଉପରେ ହୋଇଥିବା ଏହି ପ୍ରତିଯୋଗିତାରେ ଦଶମ ଶ୍ରେଣୀ ଛାତ୍ର ଶୁଭମ୍ ଦେହୁରୀ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଛାତ୍ରୀ ପ୍ରତ୍ୟୁଷା ରାଉତ ଦ୍ୱିତୀୟ ଏବଂ ନବମ ଶ୍ରେଣୀ ଛାତ୍ରୀ ଦିପ୍ତିମୟୀ ସାହୁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏଥିରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀ ଓ ଅଂଶ ଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ସମ୍ମାନିତ ଅତିଥିଙ୍କ ଦ୍ୱାରା ମାନପତ୍ର, ବର୍ଣ୍ଣବୋଧ ଓ ସିଲଟ ପ୍ରଦାନ କରାଯାଇଥିଲା । ଏହି ପ୍ରତିଯୋଗିତାରେସାମାଜିକ କର୍ମୀ ତଥା ଆଇନଜୀବୀ ମୀନା କୁମାରୀ ରଥ ଓ ସ୍ୱପ୍ନା କୁମାରୀ ରଥ ବିଚାରକ ଭାବେ ଯୋଗ ଦେଇଥିଲେ। ସାଇପ୍ରିୟା ୱେଲଫେୟାର ଟ୍ରଷ୍ଟର ସଭ୍ୟା ମହାଶ୍ୱେତା ପାଣିଗ୍ରାହୀ ଉକ୍ତ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାଇପ୍ରିୟା ୱେଲଫେୟାର ଟ୍ରଷ୍ଟର ସମ୍ପାଦକ ଦୟାନନ୍ଦ ଖାଡଙ୍ଗାଙ୍କ ଅଧ୍ୟକ୍ଷତାରେ ସଭ୍ୟା ଗୀତାରାଣୀ ମିଶ୍ର, ରଶ୍ମି ପଣ୍ଡା, ସନ୍ତୋଷ କୁମାର ପଣ୍ଡା, ଲକ୍ଷ୍ମୀ ନାରାୟଣ ପାଢ଼ୀ, ସନ୍ୟାସୀ ପାଣିଗ୍ରାହୀ, ମୋହନ ସାହୁ ଓ ମନୋଜ କୁମାର ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।


ଅତିଥିମାନେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ।

## ଦେଶୀ ଡଙ୍ଗା ମରାମତି କଲା ପ୍ରଶାସନ

ଦଶମନ୍ତପୁର, ୩୧।୩ (ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଦୁଆର ଶୁଣି ପଞ୍ଚାୟତ ଅଧୀନ ଜଟିଆଗୁଡ଼ା ଗ୍ରାମ ନିକଟସ୍ଥ ମୁରାନ ନଦୀ ଡ୍ୟାମରେ ଚାଲୁଥିବା ପୁରୁଣା ଓ ଭଙ୍ଗା ଦେଶୀ ଡଙ୍ଗାକୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ମରାମତି କରାଯାଇଛି। ଡଙ୍ଗାଟି ଅଚଳ ହୋଇପଡିଥିବାରୁ ଏହା ଉପରେ ନିର୍ଭର କରୁଥିବା ଅଞ୍ଚଳବାସୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଥିଲେ। ସେମାନେ ଜୀବନକୁ ବାଜି ଲଗାଇ ବିପଦପୂର୍ଣ୍ଣ ଜଳଯାତ୍ରା କରୁଥିଲେ। ଏନେଇ ଅଞ୍ଚଳବାସୀ ବାରମ୍ବାର ବ୍ଲକ ଓ ଜିଲା ପ୍ରଶାସନ ଦୃଷ୍ଟି ଆକର୍ଷଣ କରି ଗଣମାଧ୍ୟମରେ ଖବର ପ୍ରକାଶ ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ରବିବାର ବିଡିଓ ମିଲନ ଝାଙ୍କରଙ୍କ ତତ୍ତ୍ୱାବଧାନରେ ସମ୍ପୃକ୍ତ ପିଇଓ ଜୁନାଥନ ହିଆଲଙ୍କ ଉପସ୍ଥିତିରେ ଦେଶୀଡଙ୍ଗା ମରାମତି ହୋଇଛି।

## ୧୦୩ ଜଣଙ୍କ ଚକ୍ଷୁ ପରୀକ୍ଷା


ଶିବିରକୁ ଚକ୍ଷୁ ପରୀକ୍ଷା ପାଇଁ ଆସିଥିବା ମହିଳା।

ପଦ୍ମପୁର,୩୧।୩ (ପ୍ରଶାନ୍ତ କୁମାର କର)

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ୍ ଖିଲାପଦର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ମାଗଣା ପରଳ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିପଦର ବନ୍ଧୁ ଓ ଖିଲାପଦର ଗ୍ରାମ ପଞ୍ଚାୟତ ଏବଂ ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ସମରଝୋଳଙ୍କ ଶଙ୍କର ଚକ୍ଷୁ ଚିକିତ୍ସାଳୟ ମିଳିତ ଆନୁକୂଲ୍ୟରେ ଆୟୋଜିତ ଶିବିରକୁ ଖିଲାପଦର ଗ୍ରାମ ପଞ୍ଚାୟତ ସରପଞ୍ଚ ଉଷା ରାଣୀ ଗମାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିପଦର ବନ୍ଧୁ ପଦ୍ମପୁରର ସଦସ୍ୟ ସୁଶାନ୍ତ ସାହୁ, କିଶୋର କୁମାର, ରାମଚନ୍ଦ୍ର ସାହୁ, ଶ୍ରୀନିବାସ, ପି.ବିଶ୍ୱନାଥ, ଲୋକନାଥ, ତ୍ରିଲୋଚନ ମହାପାତ୍ର ଓ ଖିଲାପଦର ଗ୍ରାମ ପଞ୍ଚାୟତର ସମସ୍ତ ଗ୍ରାମବାସୀ ଉପସ୍ଥିତ ଥିଲେ। ଏଥିରେ ସମସ୍ତ ପ୍ରକାର ଚକ୍ଷୁ ସମସ୍ୟାର ପରୀକ୍ଷା ନିଃଶୁଳ୍କ କରାଯାଇଥିଲା। ମୋଟ ୧୦୩ ଜଣଙ୍କର ଚକ୍ଷୁ ପରୀକ୍ଷା କରାଯାଇ ୧୩ଙ୍କୁ ଚଷମା ଦିଆଯାଇଛି। ସେହିପରି ୨୫ ଜଣଙ୍କ ପରଳ ବା ମୋତିଆବିନ୍ଦୁ ଚିହ୍ନଟ କରାଯାଇଛି। ସେମାନଙ୍କ ସମ୍ପୂର୍ଣ୍ଣ ମାଗଣା ଅସ୍ତ୍ରପଚାର ପାଇଁ ହସ୍ପିଟାଲକୁ ନିଆଯାଇଛି। ୧୧ ଜଣଙ୍କର ରେଟିନା ଚେକ୍‌ଅପ କରାଯାଇଥିଲା। ଶଙ୍କର ଚକ୍ଷୁ ଚିକିତ୍ସାଳୟର କର୍ମଚାରୀ ନଳିନୀ କାନ୍ତ ରାଉତ (କ୍ୟାମ୍ପ ମ୍ୟାନେଜର), ସାଗର ମହାନ୍ତି (ଟିମ ଅପଟୋମେଟ୍ରିଷ୍ଟ), ସ୍ନେହଲତା ସ୍ୱାଇଁ, ଭାଗ୍ୟଶ୍ରୀ ପରିଡା (ଚକ୍ଷୁ ଟେକ୍ନିସିଆନ) ଓ ଈପିଲି ସାକିଲି ଶିବିରକୁ ପରିଚାଳନା କରିଥିଲେ।

## ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଯାପିତ

ଗୁଣୁପୁର,୩୧।୩(ପ୍ରଦୀପ କୁମାର ପାଢ)

ରାୟଗଡ଼ା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ବିଜ୍ଞାନ ବିଭାଗର ଚତୁର୍ଥ ଅନ୍ତର୍ଜାତୀୟ ସମ୍ମିଳନୀ ଆଇସିଏମ୍‌ଆଇବି ୨୦୨୪–ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ନୂଆଦିଲ୍ଲୀର ଜନସେବା ଆୟୋଗ ସଂଘର ପୂର୍ବତନ ଅଧ୍ୟକ୍ଷ ଡ. ଡିପି ଅଗ୍ରୱାଲ, ବିଶ୍ୱବିଦ୍ୟାଳୟ କୁଳପତି ଡ. ଏ.ଭି.ଏନ.ଏଲ ଶର୍ମା, ରେଜିଷ୍ଟ୍ରାର ଡ. ଏନ.ଭି.ଜେ ରାଓ, ଅଧ୍ୟାପକ ଡ. ନୀଳମାଧବ ପାଢ଼ୀ ଏବଂ ବିଭାଗର ଡେପୁଟି ଡିନ୍ ଡ. କେ. ମୁରଲୀ ଗୋପାଳ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ସମ୍ମିଳନୀରେ ଡ. ମୁରଲୀ ଗୋପାଳ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ଡ. ଅଗ୍ରୱାଲ ଏହାର ଉପଯୋଗିତା ଉପରେ ଆଲୋକପାତ କରିଥିଲେ । ସଂଘ ଜନସେବା ଆୟୋଗର ପୂର୍ବତନ କାର୍ଯ୍ୟକାରୀ ଭାବରେ ସେ ସମସ୍ତ ଯୁବପିଢୀଙ୍କୁ ସିଭିଲ ସର୍ଭିସ ପରୀକ୍ଷା ଦେବାକୁ ଆହ୍ୱାନ ଦେଇଥିଲେ। ସିଭିଲ ସର୍ଭିସ ପରୀକ୍ଷାରେ ଜଣେ କୃତକାର୍ଯ୍ୟ ହେଉ ଅବା ନ ହେଉ ସମସ୍ତ ଯୁବପିଢୀ ଜଣେ ସଫଳ ମଣିଷ ହେବା, ସମାଜ ଏବଂ ଭାରତକୁ ଭଲଭାବରେ ଜାଣି ପାରିଥାନ୍ତି ବୋଲି ସେ କହିଥିଲେ। ସମ୍ମିଳନୀ ଶେଷରେ ଅଧ୍ୟକ୍ଷ ଡ. ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମ୍ମିଳନୀରେ ସ୍କୁଲ ଅଫ ଇଞ୍ଜିନିୟରିଂ ଓ ଟେକ୍ନୋଲୋଜିର ଡିନ ଡ. ଏବି ଶ୍ରୀନିବାସ ରାଓ, ପରୀକ୍ଷା ନିୟନ୍ତ୍ରକ ଡ. ପି ବିଜୟ କୁମାର, ଆୟୋଜକ ଆଇଜିଆଇଟି ସରାଙ୍ଗର ଅଧ୍ୟାପକ ଶ୍ରୀନିବାସ ସେଠୀ, କମ୍ପ୍ୟୁଟର ବିଜ୍ଞାନ ଅଧ୍ୟାପକ ଏସ ଏନ ଦାଶ, ରାଘବେନ୍ଦ୍ର କୁମାର, ବିଭାଗର ଅଧ୍ୟାପକ, ଅଧ୍ୟାପିକା, ଛାତ୍ରୀଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ମଞ୍ଚରେ ଅତିଥିଙ୍କୁ ସମ୍ମାନିତ କରାଯାଉଛି।

## ମୁନିଗୁଡ଼ାକୁ ହରାଇ ରଘୁନାଥପୁର ଚାମ୍ପିୟନ

ମୁନିଗୁଡା,୩୧।୩ (ନନ୍ଦ କିଶୋର ପଟ୍ଟନାୟକ)

### ବିଜୁ ପଟ୍ଟନାୟକ ଚାମ୍ପିୟନ ଟ୍ରଫି କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ

ରାୟଗଡା ଜିଲା ମୁନିଗୁଡାର ପାଇକସାହିସ୍ଥିତ ମହାଲକ୍ଷ୍ମୀ ପୂଜା ପଡିଆରେ ବିଜୁ ପଟ୍ଟନାୟକ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ବିଜୁ ପଟ୍ଟନାୟକ ଚାମ୍ପିୟନ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। କ୍ଲବ୍‌ର ମୁକେଶ ମହାରଣା ଓ ରାକେଶ ମହାରଣାଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ମୁନିଗୁଡାର ଗଙ୍ଗାଯମୁନା ଦଳକୁ ହରାଇ କଳାହାଣ୍ଡିର ରଘୁନାଥପୁର ଚାମ୍ପିୟନ ହୋଇଛି। ଗଙ୍ଗାଯମୁନା ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୯୩ ରନ୍ କରିଥିଲା। ଏହି ରନକୁ ପିଛା କରି ରଘୁନାଥପୁର ଦଳ ଧୂଆଁଧାର ବ୍ୟାଟିଂ କରି ୬.୨ ଓଭରରେ ସମସ୍ତ ରନ କରି ବିଜୟୀ ହୋଇଥିଲେ। ରଘୁନାଥପୁର ଦଳର ବ୍ୟକ୍ତିଗତ ଭାବେ କିରନ ୪୬ ରନ୍ କରି ମ୍ୟାନ୍ ଅଫ ମ୍ୟାଚ ଭାବେ ବିବେଚିତ ହୋଇଥିଲେ। ସେହିପରି ମ୍ୟାନ ଅଫ ଦି ସିରିଜ ଭାବେ ଗଙ୍ଗାଯମୁନା ଦଳର ଆଲୋକ, ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ରଘୁନାଥପୁର ଦଳର ଆଶିଷ, ଶ୍ରେଷ୍ଠ ବୋଲର ଗଙ୍ଗାଯମୁନା ଦଳର ଲିଙ୍ଗରାଜ ପ୍ରମୁଖଙ୍କୁ ଚୟନ କରାଯାଇଛି।

ଉଦ୍‌ଯାପନୀ ଉତ୍ସବରେ ଅତିଥିଭାବେ ସାମାଜିକ କର୍ମୀ ପୂର୍ଣ୍ଣଚନ୍ଦ୍ର ଗୌଡ଼, ଚନ୍ଦନ ସାହୁ ରିଣ୍ଟୁ, ମୁନିଗୁଡା କ୍ରିକେଟ ଆସୋସିଏଶନର ସଭାପତି ତଥା ପ୍ରେସ୍ କ୍ଲବ୍ ସମ୍ପାଦକ ନନ୍ଦ କିଶୋର ପଟ୍ଟନାୟକ, ସମ୍ବାରୁ କୁମୁରୁକା, ଶିବା ପଟେଲ, ଚନ୍ଦନ ଦାସ, ରାଜାରାମ ଗୋପାଲ ପ୍ରମୁଖ ଉପସ୍ଥିତ ରହି ଚାମ୍ପିୟନ ଓ ପରାଜୟ ଦଳକୁ ଟ୍ରଫି ସହ ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ। ଉକ୍ତ ମ୍ୟାଚକୁ ଅମ୍ପାୟାର ଭାବେ ରମାକାନ୍ତ ମାର୍ଥା ଓ ରାକେଶ ମହାରଣା ପରିଚାଳନା କରିଥିଲେ। ସ୍କୋରର ଭାବେ ଶ୍ରେୟାଂଶୁ ରାଉତରାୟ,ଚାଣ୍ଟି ରାଓ ଓ କମେଣ୍ଟ୍ରିରେ ମୋହିତ କୁମାର,ବୁଦ୍ଧିଆ ମାର୍ଥା କାର୍ଯ୍ୟ ତୁଲାଇଥିଲେ । ଉକ୍ତ ଲିଗ ଟୁର୍ନାମେଣ୍ଟକୁ ବିଜୁ ପଟ୍ଟନାୟକ କ୍ରିକେଟ କ୍ଲବର ଯୁବ ସଦସ୍ୟ ଆୟୁଷ, ନାଗରାଜ, ସୁନୀଲ ଶବର, ଗୁଡୁନ,ରୋହନ ଗୌଡ଼, ବିଶେଷ, ରିତେଶ,ଜୋନି,ଲୋକେଶ ପ୍ରମୁଖ ଉପସ୍ଥିତ ରହି ପରିଚାଳନା ଓ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଖେଳାଳିମାନେ।

## ସ୍ୱଚ୍ଛ, ଅବାଧ ନିର୍ବାଚନ ପାଇଁ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

- ସମ୍ବେଦନଶୀଳ ବୁଥ୍ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି
- ବେଆଇନ ମଦ କାରବାର ଉପରେ ରୋକ୍

ରାୟଗଡ଼ା,୩୧।୩(ଆଶିଷ ରଞ୍ଜନ ପଣ୍ଡା)

ସ୍ୱଚ୍ଛ ଓ ଅବାଧ ନିର୍ବାଚନ ପାଇଁ ନିୟମିତ ବ୍ୟବଧାନରେ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ ଚାଲିଛି। ଏସ୍‌ପି ହରିଶା ବି.ସି.ଙ୍କ ନିର୍ଦ୍ଦେଶରେ ରାୟଗଡ଼ା ସହରରେ ପୋଲିସ ଓ ସିଆରପିଏଫ୍ ପକ୍ଷରୁ ମିଳିତ ଭାବେ ଫ୍ଲାଗ ମାର୍ଚ୍ଚ କରାଯାଇଛି। ରାୟଗଡ଼ା ଆଇଆଇସି କେକେବିକେ କହଁରଙ୍କ ନେତୃତ୍ୱରେ ଟାଉନ ଥାନା ପରିସରରୁ ଫ୍ଲାଗ୍‌ମାର୍ଚ୍ଚ ଆରମ୍ଭ ହୋଇଥିଲା। ପୁରୁଣା ରାୟଗଡ଼ାର ପାଇକ ସାହି, ଗୌଡ଼ ସାହି, କରଣ ସାହି, ରେଲି ସାହି, ବ୍ରାହ୍ମଣ ସାହି, ରାମକୃଷ୍ଣ ନଗର, ନଦୀଖଣ୍ଡ ସାହି, ଜୟରାମଗୁଡ଼ା, ଆମ୍ବଗୁଡ଼ା ଓ ମାରୁତି ନଗର ଆଦି ଅଞ୍ଚଳରେ ପୋଲିସ ଓ ସିଆରପିଏଫ୍ ପକ୍ଷରୁ ମିଳିତ ଭାବେ ପଇଁତରା ମରାଯାଇଥିଲା। ସେହିଭଳି ନୂଆ ରାୟଗଡ଼ାର ଜ୍ୟୋତିମହଲ ଅଞ୍ଚଳ, ନ୍ୟୁ–କଲୋନୀ ଓ ଅଶୋକ ନଗର ଅଞ୍ଚଳରେ ଫ୍ଲାଗ ମାର୍ଚ୍ଚ କରାଯାଇଥିଲା ।

ସେହିଭଳି ଜିଲାର ମାଓବାଦୀ ପ୍ରବଣ ଅଞ୍ଚଳରେ ଅବାଧ ନିର୍ବାଚନ ପାଇଁ ସିଆରପିଏଫ୍ ଓ ଏସ୍‌ଓଜି ଯବାନଙ୍କ ମିଳିତ କୋମ୍ବିଂ ଅପରେଶନ ଜାରି ରହିଛି। ଜିଲାରେ ରହିଥିବା ୫୩ଟି ମାଓବାଦୀ ପ୍ରବଣ ଅଞ୍ଚଳ ମଧ୍ୟରୁ ବିଷମକଟକ ନିର୍ବାଚନମଣ୍ଡଳୀର ୨୭, ଗୁଣପୁର ନିର୍ବାଚନମଣ୍ଡଳୀର ୨୩ ଏବଂ ରାୟଗଡ଼ା ନିର୍ବାଚନମଣ୍ଡଳୀର ୩ଟି ବୁଥ୍ ଅଞ୍ଚଳରେ ଯବାନମାନଙ୍କ କଡ଼ା ପଇଁତରା ଚାଲିଛି। ସମସ୍ତ ସମ୍ବେଦନଶୀଳ ବୁଥ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ରାୟଗଡ଼ା ଏସ୍‌ଡିପିଓଙ୍କ ତତ୍ତ୍ୱାବଧାନରେ ରହିଥିବା ସମସ୍ତ ଥାନା ଅଞ୍ଚଳରେ ବେଆଇନ ମଦ କାରବାର ବନ୍ଦ କରିବା ସହିତ ଅସାମାଜିକ କାର୍ଯ୍ୟକଳାପ ଉପରେ ନିୟନ୍ତ୍ରଣ କରାଯାଇଥିବା ଏସ୍‌ଡିପିଓ ରଶ୍ମିରଞ୍ଜନ ସେନାପତି ସୂଚନା ଦେଇଛନ୍ତି। ଏହି ଫ୍ଲାଗ ମାର୍ଚ୍ଚରେ ସିଆରପିଏଫ ୪ର୍ଥ ବାଟାଲିୟନର ଇନସ୍ପେକ୍ଟର କୁଶାଲ ସିଂଙ୍କ ନେତୃତ୍ୱରେ ଏକ ପ୍ଲାଟୁନ ସିଆରପିଏଫ୍ ଯବାନ ପୋଲିସକୁ ସହଯୋଗ କରିଥିଲେ।


ସିଆରପିଏଫ୍ ଯବାନମାନେ ରାୟଗଡ଼ା ସହରରେ ଫ୍ଲାଗ୍‌ମାର୍ଚ୍ଚ କରୁଛନ୍ତି ।

